
ଧରିତ୍ରୀ
DHARITRI
September 15-21, 2019 ₹ 2/-

ଛୁଟିଦିନ



# ମାଗଣାରେ ଟ୍ରେନିଂ

ପ୍ରଚ୍ଛଦ ପ୍ରସଙ୍ଗ ୩

ସମାଜରେ ଏମିତି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜସ୍ୱ ଉଦ୍ୟମରେ କରିଥାଆନ୍ତି ନିଆରା କାର୍ଯ୍ୟ । ସେମାନଙ୍କ ଭିତରେ ଅଛନ୍ତି ଏମିତି କେତେଜଣ, ଯେଉଁମାନେ ସମ୍ପୂର୍ଣ୍ଣ ମାଗଣାରେ ବିଭିନ୍ନ ପ୍ରକାର ଟ୍ରେନିଂ ଦେଇଥାନ୍ତି । ଏହା ଦ୍ୱାରା ପ୍ରଶିକ୍ଷଣ ପାଉଥିବା ଶିକ୍ଷାର୍ଥୀ ପରବର୍ତ୍ତୀ ସମୟରେ ସ୍ୱାବଲମ୍ବୀ ହେବାରେ ହୋଇଥାଆନ୍ତି ସକ୍ଷମ...



୪ ଦାମୀ ହେୟାର ଆସେସରିଜ୍




୮/୯ ସିନେମା



# ଅହଂଭାବ ଦୂର କରିବାର ସୂତ୍ର

**ସମ୍ପର୍କ ଭିତରେ ଯେବେ ଅହଂଭାବ ଆସିଯାଏ ସେତେବେଳେ ସମ୍ପର୍କରେ ଦେଖାଦିଏ ଫାଟ । ତେଣୁ ଏହାକୁ ଯଥାଶୀଘ୍ର ମନରୁ ଦୂରେଇ ଦେବା ନିହାତି ଆବଶ୍ୟକ । ତେବେ କିଛି ସହଜ ଉପାୟ ଅବଲମ୍ବନ କରି ଏହାକୁ ଦୂରେଇ ଦେଇହେବ ।**



✲ ପ୍ରିୟଜନଙ୍କ କୌଣସି କଥାକୁ ଧରି ନ ରଖି ଯଥାସମ୍ଭବ ଭୁଲିଯାଆନ୍ତୁ ।

✲ କୌଣସି କଥାକୁ ନେଇ ମନୋମାଳିନ୍ୟ ହେଲେ ନିଜ ଆଡୁ କ୍ଷମା ମାଗି ନିଅନ୍ତୁ ।

✲ ସମସ୍ତଙ୍କ ନିକଟରେ ସଚ୍ଚୋଟ ହେବା ପାଇଁ ଚେଷ୍ଟା କରନ୍ତୁ ଏବଂ ମନ ଖୋଲି ମନର ଭାବ ପ୍ରକାଶ କରନ୍ତୁ ।

✲ ପ୍ରିୟଜନଙ୍କ ପାଇଁ ମନରେ ଥିବା ପ୍ରେମଭାବକୁ ପରିପ୍ରକାଶ କରିବା ପାଇଁ ଆଦୌ ପଛଘୁଞ୍ଚା ଦିଅନ୍ତୁ ନାହିଁ ।

✲ ବିନା କୌଣସି ସର୍ତ୍ତରେ ଅନ୍ୟମାନଙ୍କୁ ଖୁସି ଦେବାକୁ ଚେଷ୍ଟା କରନ୍ତୁ ।

✲ ଆପଣଙ୍କ ଜୀବନକୁ ସୁଖଦ କରିଥିବା ପ୍ରତ୍ୟେକ ମୁହୂର୍ତ୍ତ ତଥା ବ୍ୟକ୍ତିବିଶେଷଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାନ୍ତୁ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ସେପ୍ଟେମ୍ବର ୧୫-୨୧**

**ମେଷ**
କାର୍ଯ୍ୟସିଦ୍ଧି, ଉଚ୍ଚସମ୍ମାନ, ସାମାଜିକ ପ୍ରତିଷ୍ଠା, ବୁଦ୍ଧିଜୀବୀଙ୍କ ସାନ୍ନିଧ । ପ୍ରଶାସନିକ ସ୍ଥିରତା, ପ୍ରେସ୍ ପବ୍ଲିକେଶନରେ ସମସ୍ୟା । ପାରିବାରିକ ପ୍ରତିବନ୍ଧକ, ଜମିଜମା କାରବାରରେ ଦ୍ୱନ୍ଦ୍ୱ, ମନୋରଞ୍ଜନର ମଉକା ।

**ବୃଷ**
ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟ, ବନ୍ଧୁମିଳନ, ରୋମାନ୍ସର ଯବନିକା, କର୍ମକ୍ଷେତ୍ରରେ ଆତ୍ମୀୟଙ୍କ ସହାନୁଭୂତି, ସାମ୍ବାଦିକତାରୁ ଗୌରବ, ପ୍ରତିଯୋଗିତାରେ ଅଗ୍ରଣୀ, ବିଦେଶ ଯାତ୍ରା ।

**ମିଥୁନ**
ଭ୍ରାତୃ ସମ୍ପର୍କରେ ଉନ୍ନତି, ଶତ୍ରୁତାର ଅବସାନ, ସ୍ୱାସ୍ଥ୍ୟଗତ ବୈଷମ୍ୟ । ଚଳଚ୍ଚିତ୍ରରେ ସଫଳତା । ଭ୍ରମଣରୁ ମନସ୍ତାପ, ବିଳମ୍ବିତ ଶୁଣାଣିର ବ୍ୟଗ୍ରତା, ସନ୍ତାନଙ୍କ ବିଶୃଙ୍ଖଳା, ଭୁଲ୍ ବୁଝାମଣାରୁ ଅଶାନ୍ତି ।

**କର୍କଟ**
ଉଚ୍ଚଚିନ୍ତା, ନୂତନ ଯୋଜନାରମ୍ଭ, ସହକର୍ମୀଙ୍କ ବିରୋଧାଭାସ, ବାକ୍ ଅସଂଯମତା, ସୁସମ୍ପର୍କ ବ୍ୟାହତ । ପରଶ୍ରୀକାତରତା । ନୂତନ କର୍ମନିଯୁକ୍ତି , ଗବେଷଣାରୁ ସୁନାମ, ବିଦେଶ ଯାତ୍ରା । ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କାମ, ଶୁଭଖବର ପ୍ରାପ୍ତି ।

**ସିଂହ**
ଅଭାବ ଅନଟନ, ପାରିବାରିକ ଅଶାନ୍ତି, ମିଥ୍ୟା ଅଭିଯୋଗ, ବାଣିଜ୍ୟରେ ଅଭିବୃଦ୍ଧି, ନିର୍ମାଣରୁ କଳହ, କଳାନୁରାଗ । ଜମିଜମା କିଣାବିକା, ସହକର୍ମୀଙ୍କ ଦୌରାତ୍ମ୍ୟ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା ।

**କନ୍ୟା**
ସୁଖ,ସୌଭାଗ୍ୟ, ଆଇନ ସହାୟତା, ପ୍ରକାଶନରେ ଦ୍ୱନ୍ଦ୍ୱ, ଏଜେନ୍ସିପର ପ୍ରସାର, ସଫଳତା, ସଭାସମିତିକୁ ଆହ୍ୱାନ, ଅପ୍ରିୟ ସତ୍ୟରୁ ମତାନ୍ତର, ଆର୍ଥିକ ଦୁଃସ୍ଥିତି, ଉନ୍ନତିର ପଥରୋଧ, ସ୍ତ୍ରୀଙ୍କ ସହ ମତଭେଦ ।

**ତୁଳା**
ଆର୍ଥିକ ଦୁରବସ୍ଥା, ଲୋକସମ୍ପର୍କ ବୃଦ୍ଧି, ମାନବିକତାରୁ ପ୍ରଶଂସା, ଶୁଭକାର୍ଯ୍ୟ କରଣ, ସମ୍ପର୍କୀୟଙ୍କ ବିରୋଧ, କର୍ମ ସମ୍ପାଦନରେ ଝିନ୍‌ଝଟ । ଶାରୀରିକ ଅସୁସ୍ଥତା, ମନୋରଞ୍ଜନରେ ବିମୁଖତା । ରଚନାତ୍ମକ କାର୍ଯ୍ୟ, ଆନୁଷ୍ଠାନିକ କାମ, ଜମିଜମା ହସ୍ତାନ୍ତର, କ୍ରୀଡ଼ାରୁ ସମ୍ମାନ ।

**ବିଛା**
ବ୍ୟକ୍ତିତ୍ୱର ପରିପ୍ରକାଶ, ମୂଲ୍ୟବାନ୍ ଦ୍ରବ୍ୟଲାଭ, ବନ୍ଧୁଙ୍କ ଅସହିଷ୍ଣୁତା, ପାରିବେଶିକ ଅଶାନ୍ତି, ବୃଥା ଚିନ୍ତା ଆଶଙ୍କା । ନୂତନ ମୈତ୍ରୀ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ଗୃହସୀମାରୁ କଳହ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନାନ୍ତର ଚିନ୍ତା, ପାରିବାରିକ ଶାନ୍ତି ।

**ଧନୁ**
ଭୁଲ୍ ବୁଝାମଣା, ସଂଘର୍ଷମୟ ପରିସ୍ଥିତି, ଆଶାତୀତ ସଫଳତା, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନ, ନୂତନ ସମ୍ପର୍କ, ସଙ୍ଗୀତ ଆସର, ଭ୍ରମଣ ସୁଯୋଗ, ପାରିବାରିକ ବିଶୃଙ୍ଖଳା, ଆରୋଗ୍ୟଲାଭ ।

**ମକର**
ନୂତନ ଯୋଜନା, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ସନ୍ତୋଷଜନକ ବ୍ୟବସାୟ, ସାମାଜିକ ପ୍ରତିଷ୍ଠା, ପ୍ରକାଶନରେ ସମସ୍ୟା, ଧର୍ମକାର୍ଯ୍ୟରେ ବାଧା, ଯାନବାହନରେ ତ୍ରୁଟି, ଅପବ୍ୟୟରୁ ଅନୁତାପ, ପ୍ରତିବେଶୀଙ୍କ ପରାମର୍ଶ ।

**କୁମ୍ଭ**
ପ୍ରତୀକ୍ଷାରୁ ଉତ୍କଣ୍ଠା, ପ୍ରତିରୋଧରୁ ମନସ୍ତାପ, ମାନସିକ ଅସ୍ଥିରତା, ଶାରୀରିକ ଅସୁସ୍ଥତା, ଆର୍ଥିକ ପ୍ରଗତି, ରୋଗପୀଡ଼ାର ଦାଉ, ବନ୍ଧୁଙ୍କ ପ୍ରଶଂସା, ଉଚ୍ଚଶିକ୍ଷାର ସୁଯୋଗ, ଅନୁସନ୍ଧାନରେ ଅଗ୍ରଗତି, ନୂତନ ପ୍ରକାଶନରେ ସମସ୍ୟା, ପରିକଳ୍ପିତ କାର୍ଯ୍ୟାରମ୍ଭ ।

**ମୀନ**
ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅବନତି, ଆଲୋଚନାରେ ବିତର୍କ, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ପରୋକ୍ଷ ଶତ୍ରୁତା । ବିବାଦୀୟ ପରିସ୍ଥିତି, ଅଭିଳଷିତ କାର୍ଯ୍ୟ ସାଧନ, କରଜଦାତାଙ୍କଚାପ, ରପ୍ତାନୀବାଣିଜ୍ୟରେ ପ୍ରତିବନ୍ଧକ ।

# ଲୁଣ ଖଣିରେ ସ୍ପା

ମନ, ଶରୀରକୁ ରିଲାକ୍ସ କରିବା ପାଇଁ ଆଜିକାଲି ବିଭିନ୍ନ ବିୟୁଟି ଥେରାପି ସଂସ୍ଥା ବିଭିନ୍ନ ସ୍ପା ସେବା ପ୍ରଦାନ କରିଥାନ୍ତି । ତେବେ ୟୁରୋପର ବେଲାରୁଷଠାରେ ରହିଛି ଏଭଳି କିଛି ଲୁଣ ଖଣି ଯେଉଁଠାରେ ପର୍ଯ୍ୟଟକମାନଙ୍କୁ ଏକ ନିଆରା ସ୍ପାର ଅନୁଭୂତି ପ୍ରଦାନ କରାଯାଇଥାଏ । ମାଟିରୁ ୪୦୦ ମିଟର ଗଭୀରରେ ଥିବା ଏହି ସ୍ପାରେ ପର୍ଯ୍ୟଟକମାନେ ଲୁଣ ଘେରା କୋଠରି ଭିତରେ କିଛି ମୁହୂର୍ତ୍ତ ଆରାମ କରିବା ସହ ବିଭିନ୍ନ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ଉପଶମ ଲାଭ କରନ୍ତି । କୁହାଯାଏ ବେଲାରୁଷର ଖଣି ଏବଂ ସୁଡ଼ଙ୍ଗଗୁଡ଼ିକରେ ଲୁଚି ରହିଛି ପୃଥିବୀର ସବୁଠାରୁ ବଡ଼ ଲୁଣର ଭଣ୍ଡାର । ପ୍ରତିବର୍ଷ ଏଠାକୁ ପୃଥିବୀର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ



ପରିଭ୍ରମଣରେ ଆସିଥାନ୍ତି । ଏଠାରେ ପ୍ରଦାନ କରାଯାଉଥିବା ସଲ୍ଟ ଥେରାପି ମାଧ୍ୟମରେ ସେମାନେ ନା କେବଳ ମାନସିକ ଶାନ୍ତି ଲାଭ କରନ୍ତି ବରଂ ଆଜ୍‌ମା, ଏଲର୍ଜି, ଶ୍ୱାସକ୍ରିୟା ସମ୍ବନ୍ଧୀୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ମଧ୍ୟ ଲାଭ କରନ୍ତି । ଏହି ସ୍ପାରେ ପର୍ଯ୍ୟଟକଙ୍କ ପାଇଁ ରାତ୍ରି ଯାପନର ସୁବିଧା ଥିବା ବେଳେ ଆରାମଦାୟକ ପରିବେଶ ପାଇଁ ଏଠାରେ ସ୍ଲୋ ମ୍ୟୁଜିକ୍‌ର ବ୍ୟବସ୍ଥା ମଧ୍ୟ ରହିଛି । କେବଳ ସେତିକି ନୁହେଁ ପର୍ଯ୍ୟଟକଙ୍କୁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରିବା ଲାଗି ଟିଭି, ଇଣ୍ଟରନେଟ ଭଳି ଆଧୁନିକ ସୁବିଧା ସୁଯୋଗର ବ୍ୟବସ୍ଥା ନାହିଁ ବରଂ ପର୍ଯ୍ୟଟକମାନେ ୱାକିଂ, ଜଗିଙ୍ଗ୍, କସରତ କରିବା ସହ ଭଲିବଲ, ବାସ୍କେଟବଲ ଖେଳିବାର ମଜା ଉଠାଇପାରିବେ ।

# ପାଠକୀୟ

❖ଜଣେ ଭଲ ଗୁରୁ ଯାହା ଜୀବନରେ ଆସନ୍ତି ବଦଳିଯାଏ ତା'ର ଭାଗ୍ୟ । ହେଲେ ଆଜିର ସମୟରେ ଶିକ୍ଷା ନେଇଛି ବ୍ୟବସାୟର ରୂପ । ଗରିବ ମେଧାବୀ ପିଲାଙ୍କୁ ମିଳୁନି ଗୁଣାତ୍ମକ ଶିକ୍ଷା । ହଜିଯାଉଛନ୍ତି ସେମାନେ ଅଜ୍ଞାନର ଅମା ଅନ୍ଧାରରେ । ତେବେ ଆଜିକାର ଏହି ସମୟରେ ବି କେତେଜଣ ଗୁରୁ ଶିକ୍ଷାଦାନକୁ ନିଜ ଜୀବନର ବ୍ରତ ଭାବି ଅଭାବୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଃସର୍ତ୍ତରେ ବାଣ୍ଟି ଚାଲିଛନ୍ତି ଜ୍ଞାନର ଆଲୋକ । ଆଉ ସେହି ଶିକ୍ଷା ପାଇଁ ସମର୍ପିତ ଥିବା କେତେଜଣ ଆଦର୍ଶ ଶିକ୍ଷକଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା । 'ରାଶି ଅନୁଯାୟୀ ଗଣେଶଙ୍କ ପୂଜା', 'ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି'ଆଦି ପାଠରୁ ଅନେକ କିଛି ଜାଣିହେଲା ।

*–ରାକେଶ ପୂଜାରୀ, କେନ୍ଦୁଝର*

❖'ଶିକ୍ଷା ପାଇଁ ସମର୍ପିତ' ଶୀର୍ଷକ ଲେଖାଟି ଗରିବ, ଅସହାୟ ମେଧାବୀ ଛାତ୍ରୀଛାତ୍ରଙ୍କୁ ମଣିଷ କରିବା ନିମନ୍ତେ ନିଜକୁ ଉତ୍ସର୍ଗ କରିଥିବା କେତେଜଣ ମହାନ୍ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମ୍ବନ୍ଧରେ ପର୍ଯ୍ୟବସିତ ହୋଇଥିବାରୁ ଭାରି ଖୁସି ଲାଗିଲା । କାର୍ଟୁନ କର୍ନର ମୋତେ ଭଲ ଲାଗୁଛି । ସେହିପରି ସୃଜନ ପୃଷ୍ଠାର ଗପ ଓ କବିତା ପଢ଼ିବା ମୋର ଭାରି ପ୍ରିୟ ।

*–ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ*

❖ସିନେମା ପୃଷ୍ଠାଟି ଏଥର ଖୁବ୍ ଆକର୍ଷଣୀୟ ହୋଇଥିଲା । ଲବି କରୁଛନ୍ତି ହ୍ରିତିକ, ଭାଗ୍ୟକୁ ନିନ୍ଦୁଛନ୍ତି ଇଲିଆନା, ଗୀତ ପାଇଁ ଟେନ୍‌ସନ ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା । ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷାବିତ୍ ତଥା କବି, ନାଟ୍ୟକାର, ସମାଲୋଚକ ପ୍ରଫେସର ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢ଼ିଲି, ଏହା ବେଶ୍ ମନଛୁଆଁ ହୋଇଥିଲା ।

*– ଗୁରୁପ୍ରସାଦ ଷଡ଼ଙ୍ଗୀ, ମାର୍କେଟ୍ ଛକ, ପୁରୀ*

❖ଏଥରର ଚିନ୍ମୟ ଚିନ୍ତନ 'ହର୍ ଗୁଣ୍ ଫେଡ୍ ମିଶା..'ଲେଖାଟି ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଥିଲା । ଏହା ମୋତେ ଅନେକ ଭଲ କଥା ଶିଖାଇଲା । ସେହିପରି ଗଛରେ ପଘା ବାନ୍ଧିବାର ଏକ ଅଜବ ପରମ୍ପରା ସମ୍ପର୍କରେ ମଧ୍ୟ ଅବଗତ ହେବାକୁ ମିଳିଲା । ମଡେଲ୍ ମିରର୍‌ରେ ଜ୍ୟୋତିର୍ମୟୀ ବେଶ୍ ସୁନ୍ଦରୀ ଲାଗୁଥିଲେ । ହାଃ ହାଃ ବି ଖୁବ୍ ମଜାଦାର ଥିଲା ।

*–ତପସ୍ୱିନୀ ସାହୁ, ଶେରଗଡ଼, ଗଞ୍ଜାମ*

❖ସହର ପୃଷ୍ଠାରୁ କଳାହାଣ୍ଡି ଜିଲା ବେଲଖଣ୍ଡିସ୍ଥିତ ଧବଳେଶ୍ୱର ପୀଠ ସମ୍ପର୍କରେ ଜାଣି ଖୁସି ଲାଗିଲା । ବିବିଧା ଓ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଫୋଲ୍ଡ ହୋଇପାରୁଥିବା ଇ–ବାଇକ୍', '୪୭ ବର୍ଷ ପୁରୁଣା ଜୋତାର ମୂଲ୍ୟ ୩ କୋଟି', 'କୁନି ମୁଣ୍ଡର ସୁରକ୍ଷା କବଚ ଏଇ ବ୍ୟାକ୍‌ପ୍ୟାକ୍', 'ଶ୍ରୀଗଣେଶଙ୍କୁ ନେଇ ରେକର୍ଡ' ଆଦି ପାଠ ବେଶ୍ ଆଶ୍ଚର୍ଯ୍ୟକର ଥିଲା । ତା'ଛଡ଼ା ଯାତ୍ରା ପୃଷ୍ଠାରୁ ବି ଯାତ୍ରାଜଗତ ସହ ଜଡ଼ିତ ଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ସମ୍ପର୍କରେ ଜାଣିବାକୁ ମିଳୁଥିବାରୁ ଖୁସି ଲାଗୁଛି ।

*–ମୌସୁମୀ ପରିଡ଼ା, ରବି ଟକିଜ୍ ଛକ, ଭୁବନେଶ୍ୱର*

## ବିଶେଷ ଚିଠି



ପ୍ରତି ରବିବାର ଛୁଟିଦିନ ବୁଲେ
ସହରଠୁ ମଫସଲ
ପାଠକ ପାଠିକା ସନ୍ତୋଷ ଲଭନ୍ତି
ପଢ଼ି ସବୁ ହାଲଚାଲ ।
କେତେ ନୂଆ କଥା ଶାସନ ବ୍ୟବସ୍ଥା
ଗଳ୍ପ କବିତା ସାଥେ
ଲାଇଫ୍ ଷ୍ଟାଇଲ୍ ବ୍ୟକ୍ତିତ୍ୱ ସୃଜନ
ସିନେମା କଥା ସହିତେ ।
ସହରଠୁ ଦୂର ମଡେଲ ମିରର୍
ଯୋଗାଏ ମନୋରଞ୍ଜନ ଖୋରାକ
ବିବିଧା ସହିତେ ବ୍ୟାକ୍‌ପେଜ୍ ଦେଖି
ଚାତକ ହୁଅନ୍ତି ଲୋକ ।

*– ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ମାଗଣାରେ ଟ୍ରେନିଂ



ସମାଜରେ ଏମିତି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ନିଜସ୍ୱ ଉଦ୍ୟମରେ କିଛି ନିଆରା କାର୍ଯ୍ୟ କରିଥାନ୍ତି। ଦିନେ କି ଦୁଇଦିନ ନୁହେଁ, ଅନେକ ଦିନଧରି ଚାଲୁ ରଖିଥାଆନ୍ତି କେତେକ ଗଠନମୂଳକ ସାମାଜିକ କାର୍ଯ୍ୟ। ଏଥିପାଇଁ କାହାରିକୁ କେବେ କିଛି ପାରିଶ୍ରମିକ ଦେବାକୁ ପଡ଼େନାହିଁ। ବରଂ ଏମାନଙ୍କଠାରୁ ମାଗଣାରେ ଟ୍ରେନିଂ ନେଉଥିବା ଶିକ୍ଷାର୍ଥୀମାନଙ୍କୁ ମିଳିପାରେ ରୋଜଗାର ପନ୍ଥା କିମ୍ବା ନିଯୁକ୍ତି ପାଇଁ ସୁଯୋଗ। ଏଥିପାଇଁ ସହଯୋଗର ହାତ ବଢ଼ାଇଥିବା ସେମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ...।

**ଗୋପୀନାଥଙ୍କ ସଂକଳ୍ପ:** ସେଦିନ ଖେଳପଡ଼ିଆରେ ମୋ ପୁଅର ଆକସ୍ମିକ ବିୟୋଗ ଘଟିଲା। ସେହି ଦୁଃଖ ମୋ ମନରେ ସବୁବେଳେ ଉଙ୍କିମାରୁଛି, କେବେ ବି ଭୁଲିପାରୁନାହିଁ । ମାତ୍ର ତା' ପରିବର୍ତ୍ତେ କିପରି ହଜାର ହଜାର ପିଲାଙ୍କ ଶାରୀରିକ ଦକ୍ଷତା ବଢ଼ାଇ ସେମାନଙ୍କ ଭିତରେ ତାକୁ ଅନୁଭବ କରିପାରିବି। ସେଥିପାଇଁ ସେଦିନ ଠାରୁ ସଙ୍କଳ୍ପ କରି ଆଜକୁ ପ୍ରାୟ ଦୀର୍ଘ ୨୦ ବର୍ଷଧରି ମୋ ସାଧନା ଚାଲିଛି। ଏହା କୌଣସି ଚଳଚ୍ଚିତ୍ର କି ଯାତ୍ରା ନାଟକର ସଂଳାପ ନୁହେଁ । ଏକମାତ୍ର ପୁତ୍ରକୁ ହରାଇଥିବାର ଦୁଃଖରେ ଅଙ୍ଗେନିଭା କଥାକୁ ବାଷ୍ପରୁଦ୍ଧ କଣ୍ଠରେ କୁହନ୍ତି ଜଣେ ପିତା। ସେ ହେଲେ ଗୋପୀନାଥ ସେଠୀ। ଜନ୍ମ ତା୪.୧୧.୧୯୫୪ରେ। ପିତା ପନ୍ଦାରି ସେଠୀ, ମା ନିଶାମଣି। ଘର କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ମଙ୍ଗରାଜପୁର ଗ୍ରାମରେ। ଗୋପୀନାଥ ଗାଁ ସ୍କୁଲରେ ଅଣ୍ଡରମାଟ୍ରିକ୍ ଯାଏ ପଢିଲେ। ତା'ପରେ ରାଜ୍ୟ ସରକାରଙ୍କ ଅର୍ଥନୈତିକ ବିଭାଗରେ ଜଣେ ତଳସ୍ତର କର୍ମଚାରୀ ଭାବେ ନିଯୁକ୍ତି ପାଇଲେ। ମାତ୍ର ନିଜର ଦୃଢ଼ ମନୋବଳ ତାଙ୍କୁ ଜଣେ ନିଆରା ମଣିଷ ଭାବେ ପରିଚିତ କରାଇଛି। ସେ କୁହନ୍ତି, ଓଡ଼ିଶାର ଅନେକ ଝିଅ ପୁଅଙ୍କୁ ପୋଲିସ କି ସେନାବାହିନୀରେ ଦକ୍ଷ କରାଇବା ପାଇଁ ୨୦୦୨ ମସିହାରୁ ଚାକିରି ଆଶାୟୀ ଯୁବକ ଯୁବତୀମାନଙ୍କୁ ୫ ହଜାର ମିଟର ଦୌଡ଼, ୧୬ ମିଟର ଦୌଡ଼, ଲଙ୍ଗଜମ୍ପ୍, ହାଇଜମ୍ପ୍, ଦଉଡ଼ି ଡ଼ିଆଁ, ବାଲିବସ୍ତା ବୋହିବା, ସାଇକେଲିଂ ଆଦି ବିଭିନ୍ନ ବ୍ୟାୟାମ ଓ ଶାରୀରିକ ଶକ୍ତି ଏବଂ ସାମର୍ଥ୍ୟ ବୃଦ୍ଧି ନେଇ ବିନା ମୂଲ୍ୟରେ ତାଲିମ ପ୍ରଦାନ କରିଥାଏ। ଏଯାଏ ପ୍ରାୟ ୩୫୦୦ ପିଲା ସିଆରପିଏଫ, ଆର୍ମି, ସୀମା ସୁରକ୍ଷା ବଳ, ତିବ୍ବତ ଗାର୍ଡ଼, କମିଶନରେଟ ପୋଲିସ,

**ସମାଜରେ ଏମିତି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜସ୍ୱ ଉଦ୍ୟମରେ କରିଥାଆନ୍ତି ନିଆରା କାର୍ଯ୍ୟ । ସେମାନଙ୍କ ଭିତରେ ଅଛନ୍ତି ଏମିତି କେତେଜଣ, ଯେଉଁମାନେ ସମ୍ପୂର୍ଣ୍ଣ ମାଗଣାରେ ବିଭିନ୍ନ ପ୍ରକାର ଟ୍ରେନିଂ ଦେଇଥାନ୍ତି । ଏହା ଦ୍ୱାରା ପ୍ରଶିକ୍ଷଣ ପାଉଥିବା ଶିକ୍ଷାର୍ଥୀ ପରବର୍ତ୍ତୀ ସମୟରେ ସ୍ୱାବଲମ୍ବୀ ହେବାରେ ହୋଇଥାଆନ୍ତି ସକ୍ଷମ...**

ଜିଲା ପୋଲିସ, ଅଗ୍ନିଶମ, ଅବକାରୀ ବିଭାଗରେ ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର, କନଷ୍ଟେବଲ, ରେଳବାଇ, ଗ୍ରୁପ-ଡି ଆଦିରେ ନିଯୁକ୍ତି ପାଇ ସାରିଲେଣି। ପ୍ରତିଦିନ ସକାଳୁ ସକାଳୁ ରାଜଧାନୀର ନିକୋପାର୍କ ଏବଂ ରୋଡ଼କଡ଼ ଉପରେ ଏପରି କ୍ରୀଡ଼ା ଦକ୍ଷତାକୁ ଅଭ୍ୟାସ କରିଥାଏ। ଏଥିରେ ବିଭିନ୍ନ ଅଞ୍ଚଳର ପିଲାମାନେ ଯୋଗଦେଇ ତାଲିମ ପାଇଥାଆନ୍ତି। ଅନ୍ୟପକ୍ଷେ ମୋତେ ବାହାର ରାଜ୍ୟରେ ଦୌଡ଼ ପାଇଁ ଏକାଧିକ ପୁରସ୍କାର ପ୍ରମାଣପତ୍ର ମିଳିଛି। ତାମିଲନାଡୁ, ପଣ୍ଡିଚେରି, କୋହିମା, କଲିକତା, ଆନ୍ଧ୍ର ଆଦି ଅନେକ ରାଜ୍ୟରେ ନିଜର ପାରିଦର୍ଶିତା ଦେଖାଇଛନ୍ତି ସେ। ସମ୍ପୂର୍ଣ୍ଣ ମାଗଣାରେ ଏମିତି ଜଣେ ବ୍ୟକ୍ତି ଦୀର୍ଘ ୨୦ବର୍ଷ ଧରି ନିଃସ୍ୱାର୍ଥପର ଭାବେ ନିଯୁକ୍ତି ଆଶାୟୀଙ୍କୁ ବିଭିନ୍ନ ସମୟରେ ତାଲିମ ଦେଇ ଦକ୍ଷ କରାଇବାରେ ସେ ଆଦର୍ଶ ମଣିଷ ପାଲଟିଛନ୍ତି।

**ଗୋବିନ୍ଦଙ୍କ ଉଦ୍ୟମ:** ଆମ ଦେଶ ଏକ କୃଷିପ୍ରଧାନ ଦେଶ। ଚାଷ କାର୍ଯ୍ୟ ପ୍ରତି ଅଧିକ ମାତ୍ରାରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ମାଗଣାରେ ଦୁଇ ଭାଇ ଜୈବିକ କୃଷିର ଉପକାରିତା ଓ ଲାଭ ସମ୍ପର୍କରେ ଅନ୍ୟ ଚାଷୀମାନଙ୍କୁ ତାଲିମ ଦେଇଥାଆନ୍ତି । ଏପରିକି ଏମାନେ ନିଜର ଚାଷକାର୍ଯ୍ୟରୁ ବେଶ ଉପକୃତ ହୋଇ ପରିବାର ଚଳାଇ ପାରୁଛନ୍ତି। ଉଦ୍ୟାନ କୃଷି ସହିତ ଚାଷଜମିରେ ଜୈବିକ ଉପାୟରେ ଧାନ, ମାଣ୍ଡିଆ, ମକା, କାନ୍ଦୁଲ ଆଦି ଫସଲ କରିଥାଆନ୍ତି। ନିଜର କୃଷିଫାର୍ମରେ ବିଭିନ୍ନ କିସମର ଆମ୍ବଗଛ, ଲେମ୍ବୁ, ପିଜୁଳି ଆଦି ବିଭିନ୍ନ ଫଳଗଛର ଚାରା ପ୍ରସ୍ତୁତ କରିଥାଆନ୍ତି। ଏମାନେ ହେଲେ କୋରାପୁଟ ଜିଲା ଆଦିବାସୀ ଅଧ୍ୟୁଷିତ ଲକ୍ଷ୍ମୀପୁର ବ୍ଲକ ମାରବାଇଗୁଡ଼ା ଗାଁର ଗୋବିନ୍ଦ ସାହୁ ଓ ତାଙ୍କ ଭାଇ ଶରତ ଚନ୍ଦ୍ର ସାହୁ। ନିଜର ଚାଷକାର୍ଯ୍ୟ ସହିତ ଗ୍ରାମର ଅନ୍ୟ କୃଷକମାନଙ୍କୁ ମାଗଣାରେ ଚାଷ ସମ୍ପର୍କରେ ତାଲିମ ଦେଇଥାଆନ୍ତି । ଚଳିତବର୍ଷ ତାଙ୍କ ଫାର୍ମର ଗୋଟଏ ଆମ୍ବଗଛରେ ୩ କିଲୋଗ୍ରାମ ଓଜନର ଆମ୍ବ ଫଳିଥିଲା। ଏହି ଘଟଣା ସାଧାରଣରେ ବେଶ୍‌ଚର୍ଚ୍ଚା ହୋଇଥିବା ବେଳେ ଅନ୍ୟ ଚାଷୀମାନଙ୍କୁ ଉକ୍ତ କ୍ଷେତ୍ର ପ୍ରତି ପ୍ରେରଣା ଯୋଗାଇଛି। ଆଦିବାସୀ ଚାଷୀମାନଙ୍କୁ ମାଗଣାରେ କୃଷି ଉପରେ ତାଲିମ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବାର ପ୍ରୟାସ ଜାରି ରଖିଛନ୍ତି। ବାଲିଚରା ଜମିରେ କିପରି ଭଲ ଚାଷ ହୋଇପାରିବ, ସେକଥା ବି ସେ ତାଲିମ ଦେଇଥାଆନ୍ତି। ସ୍ଥାନୀୟ ଚାଷୀମାନଙ୍କୁ ଏକାଠିକରି ସେମାନଙ୍କୁ ଜୈବିକ ଓ ଆଧୁନିକ କୃଷିର ପ୍ରସାର ପାଇଁ ଏକ ସଂଘ ଗଠନ କରିଛନ୍ତି। ଏହି ସଂଘରେ ୮ଜଣ ପୁରୁଷ ଓ ମହିଳା ରହିଛନ୍ତି। ଏମାନେ ଶରତଙ୍କ ସମ୍ରାଟ୍ ନର୍ସରୀ ଉପରେ ନିର୍ଭର କରି ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଏମାନେ ତାଲିମ ପାଇଥିବା ଚାଷଜ୍ଞାନକୁ ଉପଯୋଗ କରି ଅନ୍ୟମାନଙ୍କୁ ବି ତାଲିମ ଦେଇଥାନ୍ତି। ବିଶେଷକରି ଘରବାରି ଆବର୍ଜନାରୁ ହିଁ ଏପରି ଜୈବିକ ସାର ପ୍ରସ୍ତୁତ କରିଥାଆନ୍ତି। ଏହାର ପ୍ରୟୋଗ ବିଷୟରେ ଚାଷୀଙ୍କୁ ମାଗଣାରେ →



ତାଲିମ ଦେଇଥାଆନ୍ତି ବୋଲି ସେ କୁହନ୍ତି। ମାରବାଇଗୁଡ଼ା ନିକଟସ୍ଥ ଗାଁର କେତେକ ଚାଷୀ ବେଶ ଉପକୃତ ହୋଇ ପାରିଛନ୍ତି। ଏଥିପାଇଁ ଗୋବିନ୍ଦ ଓ ଶରତଙ୍କୁ ବିଭିନ୍ନ ସଂସ୍ଥା ପକ୍ଷରୁ ପୁରସ୍କୃତ କରାଯାଇଛି।

**ଗୋପାଳଙ୍କ ସେବା:** ସେବା ହିଁ ପରମ ଧର୍ମ। ଏହି ଉକ୍ତିକୁ ପାଥେୟ କରି ସେ ବିନା ପାରିଶ୍ରମିକରେ ଗାଁରେ ଲୋକମାନଙ୍କୁ ନିଆରା ଚିକିତ୍ସାସେବା ଯୋଗାଇ ଥାଆନ୍ତି। ସେ ହେଲେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଧୀନ ବାଇଗୁଣିଆ ଗ୍ରାମପଞ୍ଚାୟତ ବୋରଗାଁର ଗୋପାଳ ବାରିକ (୫୭)। ପିତାଙ୍କ ନାମ ଦାମ ବାରିକ, ମା' ରୂପେଇ ବାରିକ। ମାତ୍ର ସେ କୌଣସି ଡାକ୍ତରୀ ପାଠ ପଢ଼ିନାହାନ୍ତି। କେବଳ ନିକଟସ୍ଥ ଗାଁ ଜଙ୍ଗଲରୁ ସଂଗ୍ରହ କରିଆଣୁଥିବା ଚେରମୂଳି ଔଷଧ ସାହାଯ୍ୟରେ ଦେଶୀୟ ଚିକିତ୍ସା କରି ଲୋକଙ୍କ ଅର୍ଶ, ମଳକଣ୍ଟକ ଓ ଦାନ୍ତରୋଗ ଆଦି ଭଲ କରୁଛନ୍ତି। ଏଥିପାଇଁ ସେ ଗାଁରେ ପ୍ରିୟପାତ୍ର ହୋଇ ପାରିଛନ୍ତି। ସେ କୁହନ୍ତି, ଗାଁ ସ୍କୁଲରେ ୯ମ ଯାଏ ପଢ଼ିଥିଲି, ସେତିକିରେ ପଢା ବନ୍ଦହେଲା। କଟକରେ କୌଳିକ ବୃତ୍ତି କରୁଥିବା ବେଳେ ସେଠାରେ ରବି ମିଶ୍ର ଓ ଲକ୍ଷ୍ମଣ ମିଶ୍ରଙ୍କୁ ଗୁରୁକରି ତାଙ୍କଠାରୁ ବହିପତ୍ର ଆଣି ଏହି ଦେଶୀୟ ଚିକିତ୍ସା ଆରମ୍ଭ କରିଥିଲି। ସ୍ତ୍ରୀ, ୩ ପୁଅ ଓ ଗୋଟିଏ ଝିଅଙ୍କୁ ନେଇ ମୋ ପରିବାର। ଘର ଚଳିବାରେ ମୋର ବିଭିନ୍ନ କୌଳିକ ବୃତ୍ତି ରହିଛି। ମାତ୍ର ଏହି ଚିକିତ୍ସା କାର୍ଯ୍ୟ ଦୀର୍ଘ ୧୦ ବର୍ଷଧରି କରିଆସୁଛି। ଏଯାଏ ପ୍ରାୟ ୧୭ଶହ ରୋଗୀଙ୍କୁ ଚିକିତ୍ସା କରାଯାଇପାରିଛି। ବିନା ଅର୍ଥରେ ରୋଗୀଙ୍କ ସେବା କରୁଥିବାରୁ ଅପାର ଆନନ୍ଦ ମିଳିଥାଏ। ନିକଟସ୍ଥ ସାହାସପୁର ଜଙ୍ଗଲରୁ ଚେରମୂଳି ସଂଗ୍ରହ କରି ଔଷଧ ତିଆରି କରିଥାଏ। ବହୁ ଲୋକଙ୍କଠାରୁ ପ୍ରଶଂସା ମିଳୁଛି।

**ସୁନିତାଙ୍କ ସାଧନା:** ଓଡ଼ିଶାର ପାରମ୍ପରିକ ସମରକଳା ପାଇକ ଆଖଡ଼ା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ସୁନିତା ବେହେରାଙ୍କ ପରିଚୟ ନିଆରା। ସୁନୀତା କୁହନ୍ତି– ସ୍କୁଲ ବୟସରୁ ସମରକଳା ପ୍ରତି ରୁଚି ଥିବାରୁ ଏହି କଳାକୁ ଶିଖିପାରିଥିଲି । ମାତ୍ର ସମରକଳା କୌଶଳର ନିତି ସାଧନା ମନରେ ସାହସ ଓ ଶାରୀରିକ ଦକ୍ଷତା ବୃଦ୍ଧି ପାଇଥାଏ, ମନଫୂର୍ତ୍ତି ରହେ। ପିଲାଟି ଦିନରୁ ଶ୍ରୀସତ୍ୟସାଇ ବାଲ୍‌ବିକାଶ କେନ୍ଦ୍ରରେ ସେବା ଓ ଆଧାତ୍ମିକ ଶିକ୍ଷା ପାଇଥିଲି। ପରେ କଲେଜରେ ଏନ୍‌ଏସ୍‌ଏସ୍‌ରେ ଯୋଗଦେଇ କିଛି ସାମାଜିକ କାର୍ଯ୍ୟ କରିପାରିଛି। ଏବେ ଇଞ୍ଜିନିୟରିଂ ପଢା ସରିଛି। ଗାଁ ସ୍କୁଲ ପଢ଼ିଆରେ ମାଗଣାରେ ବାଳିକାମାନଙ୍କୁ ସମରକଳା ଓ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥାଏ। ପ୍ରାୟ ଏକ ଦଶନ୍ଧି ଧରି ଏହି ସାଧନା ଚାଲିଛି। ଏମିତିରେ ବାଳିକା କଳିଙ୍ଗକନ୍ୟା ପାଇକ ଆଖଡ଼ା ଦଳ ଗଠନ ହୋଇପାରିଛି। ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଅବସରରେ ପାଇକ ବୀର ସହିଦମାନଙ୍କୁ ସ୍ମରଣକରି ନିଆରା ଢଙ୍ଗରେ ବୃକ୍ଷରୋପଣ କରିଥିଲୁ। ବାଣପୁରର ମା' ଟିକିରେଇଙ୍କ ପୀଠରେ ୨ଶହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବାହାର ରାଜ୍ୟରେ ଓଡ଼ିଶାର ପାରମ୍ପରିକ ସମରକଳା ପାଇକ ଆଖଡ଼ାକୁ ପ୍ରଦର୍ଶନ କରି ଏହି କଳାର ପ୍ରଚାର ପ୍ରସାର କ୍ଷେତ୍ରରେ ଭିନ୍ନ ପରିଚୟ ସୃଷ୍ଟି ହୋଇପାରିଛି। ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ପାଇଁ ବିଶେଷ କରି ପ୍ରକୃତିବନ୍ଧୁ , ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସରସ୍ୱତୀ ରାୟ ଗୋଲ୍ଡ ମେଡଲ, ଏନ୍‌ଏସ୍‌ଏସ୍‌ରୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମେତ ବିଭିନ୍ନ ସଂସ୍ଥାରୁ ଶତାଧିକ ପୁରସ୍କାର ମିଳିପାରିଛି।

**ସରିତାଙ୍କ ପ୍ରଚେଷ୍ଟା:** ସମାଜରେ ବଞ୍ଚିବା ପାଇଁ ଅନେକ ବ୍ୟକ୍ତି ବିଭିନ୍ନ କାର୍ଯ୍ୟ ଅନ୍ୱେଷଣରେ କେତେକ ସ୍ଥାନ ଘୂରି ବୁଲିଥାଆନ୍ତି। ମାତ୍ର ଅସହାୟ ବ୍ୟକ୍ତିମାନେ ନିଜର ରୋଜଗାର ପାଇଁ ବହୁ ଅଭାବ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। କିନ୍ତୁ ନିଜେ ରୋଜଗାର କରି ବଞ୍ଚିବା ସହିତ ଅନ୍ୟମାନଙ୍କ ପାଇଁ କିଛି ରୋଜଗାରର ବାଟ ଦେଖାଇଛନ୍ତି ଜଣେ ମହିଳା। ସେ ହେଲେ ସୁନ୍ଦରଗଡ଼ ଜିଲା କୁଆଁରାମୁଣ୍ଡା ବ୍ଲକ ନାଗରାବସ୍ତିର ସରିତା ପଟ୍ଟନାୟକ। ସେ କୁହନ୍ତି, ଗାଁର କେତେକ ନିରାଶ୍ରୟ ତଥା ଆର୍ଥିକ ଅନଟନ ମହିଳାଙ୍କୁ ସଙ୍ଗଠିତ କରି କିଛି ରୋଜଗାର କରିବାର ଉଦ୍ୟମ କରିଥିଲି। ପ୍ରଥମେ କାଗଜ ଠୁଙ୍ଗା ତିଆରି କରି ନିକଟସ୍ଥ କୁଆଁରମୁଣ୍ଡା ବେଦବ୍ୟାସ, ଏପରିକି ରାଉରକେଲା ବଜାରରେ ବିକ୍ରିକରି ବେଶ ଦୁଇ ପଇସା ରୋଜଗାର କରିପାରିଥିଲୁ। ସମୟକ୍ରମେ ଆଉ ପଛକୁ ନ ଚାହିଁ ନିଜର ରୋଜଗାର କ୍ଷେତ୍ରରେ ଅଗ୍ରସର ହୋଇପାରିଛୁ । ଏହି ବସ୍ତିର ପ୍ରାୟ ୩୫ ଜଣ ମହିଳା ଏକଜୁଟ ହୋଇ ହଳଦୀଗୁଣ୍ଡ, ଜିରା ପାଉଡର ଓ ଗରମ ମସଲା ଆଦି ସାମଗ୍ରୀ ତିଆରି କରି ସ୍ଥାନୀୟ ବୀରମିତ୍ରପୁର ଅଞ୍ଚଳର ହାଟ ବଜାରରେ ବିକ୍ରି କରି ପରିବାର ଚଳାଇ ପାରୁଛୁ। ଏଥିଯୋଗୁଁ ଅର୍ଥାଭାବକୁ ଅନେକ ମାତ୍ରାରେ ଦୂରେଇ ପାରିଛୁ। ଏପରି କାର୍ଯ୍ୟ ପ୍ରତି ଆଗ୍ରହୀଥିବା ଗରିବ ମହିଳାମାନଙ୍କୁ ମାଗଣାରେ ବିଭିନ୍ନ ଦ୍ରବ୍ୟ ତିଆରି କରିବା ପାଇଁ ଟ୍ରେନିଂ ଦେବାର ପ୍ରଚେଷ୍ଟା ଜାରି ରଖିଥାଏ।

**ବିଜୟଙ୍କ ତ୍ୟାଗ:** ଗାଁର ଲୋକମାନେ କିପରି ସୁସ୍ଥ, ନିରାମୟ ଏବଂ ସ୍ୱାବଲମ୍ବୀ ହୋଇ ଚଳିପାରିବେ ; ଏପରିକି ନିଯୁକ୍ତି ଆଶାୟୀ ଶିକ୍ଷିତ ଯୁବତୀ ଯୁବକ କିମ୍ବା ଗରିବ ମହିଳା ରୋଜଗାରକ୍ଷମ ହୋଇପାରିବେ, ସେଥିପାଇଁ ସେ ମାଗଣା ଟ୍ରେନିଂର ବ୍ୟବସ୍ଥା କରିଥାଆନ୍ତି। ସେ ହେଲେ ବିଜୟ କୁମାର ପଣ୍ଡା, ବହୁମୁଖୀ ପ୍ରତିଭାର ଅଧିକାରୀ। ପିତା ବସନ୍ତ କୁମାର ପଣ୍ଡା ଓ ମାତା ବାସନ୍ତୀଲତା ପଣ୍ଡାଙ୍କ ସୁଯୋଗ୍ୟ ପୁତ୍ର । ଘର କଟକ ଜିଲା ନରସିଂହପୁର ବ୍ଲକ ନିଜିଗଡ଼ ନରସିଂହପୁର ଗ୍ରାମରେ। ସେ କୁହନ୍ତି, ଆମ ଅଞ୍ଚଳର ଅନେକ ଲୋକ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇଥିବାରୁ ସେମାନଙ୍କୁ ଆରୋଗ୍ୟ ନିମନ୍ତେ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା କରିଥିଲି। ଉତ୍କଳ କିଡ୍‌ନୀ ଫାଉଣ୍ଡେଶନ ସହଯୋଗରେ ଚମ୍ପେଶ୍ୱର ଠାରେ କିଡ୍‌ନୀ ରୋଗୀଙ୍କୁ ପ୍ରତି ରବିବାର ମାଗଣାରେ ଚିକିତ୍ସା ସୁବିଧାର ବ୍ୟବସ୍ଥା ହୋଇପାରିଛି। ସେହିପରି ନିଯୁକ୍ତି ଆଶାୟୀ ଶିକ୍ଷିତ ଯୁବତୀ ଯୁବକଙ୍କ ପାଇଁ ଏକଲବ୍ୟ ଟ୍ରେନିଂ କେନ୍ଦ୍ରରେ ମାଗଣାରେ ଶାରୀରିକ ଦକ୍ଷତା ଟ୍ରେନିଂ ପାଇ ସେନାବାହିନୀ, ପୋଲିସରେ ଚଳିତବର୍ଷ ଗାଁର ୧୩ଜଣ ନିଯୁକ୍ତି ପାଇଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫ଶହ ଗରିବ ମହିଳା ଓ ୫ଶହ ବେକାର ଯୁବତୀ ଯୁବକମାନଙ୍କୁ ଟେଲରିଂ, ମୋବାଇଲ ରିପେୟାରିଂ, ୱେଲ୍‌ଡିଂ ଟ୍ରେନିଂର ବ୍ୟବସ୍ଥା କରାଯାଇଥିଲା। ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳର ସ୍କୁଲ ଓ କଲେଜରୁ ଉତ୍ତୀର୍ଣ୍ଣ ହେଉଥିବା ମେଧାବୀ ପିଲାଙ୍କୁ ଉତ୍ସାହିତ ନିମନ୍ତେ ମେଧାବୀ ସମ୍ମାନ ପ୍ରଦାନ କରାଯାଇଥାଏ। ମାଳଦ୍ୱୀପରେ ହୋଇଥିବା ବିଶ୍ୱ ଶାନ୍ତି ପଦଯାତ୍ରାରେ ଭାରତରୁ ପ୍ରତିନିଧିତ୍ୱ କରିବା ସହ ବିଶ୍ୱ ଯୁବଶାନ୍ତି ରାଷ୍ଟ୍ରଦୂତ ସମ୍ମାନରେ ସମ୍ମାନିତ ହୋଇପାରିଛି। ତେବେ କିପରି ଗାଁର ସମସ୍ତବର୍ଗର ବ୍ୟକ୍ତିଙ୍କ ବିକାଶ ହୋଇପାରିବ, ସେଥିପାଇଁ ପ୍ରୟାସ ଜାରି ରହିଛି।

**– ବନବିହାରୀ ବେହେରା**

**ଅନନ୍ତ ନାୟକ, ମହେନ୍ଦ୍ର ସାହୁ, ଶୁଭେନ୍ଦ୍ର କୁମାର ପଟ୍ଟନାୟକ**






ଗୋପୀନାଥ ସେଠୀ


ବିଜୟ କୁମାର ପଣ୍ଡା


ଗୋବିନ୍ଦ ସାହୁ


ଗୋପାଳ ବାରିକ


ସରିତା ପଟ୍ଟନାୟକ


ସୁନିତା ବେହେରା





# ଦାମୀ ହେୟାର୍ ଆସେସରିଜ୍





**କେଶ ବିନ୍ୟାସ କରିବାକୁ ସବୁ ନାରୀ ଭଲ ପାଆନ୍ତି ସେଥିପାଇଁ ତ ସେମାନେ କେତେ ପ୍ରକାରର କେଶ ସଜା ସାମଗ୍ରୀ ବ୍ୟବହାର କରନ୍ତି। ବଜାରରେ ବି ଚାହିଦା ଅନୁସାରେ ବିଭିନ୍ନ ପ୍ରକାରର ହେୟାର ଆସେସରିଜ୍ ଉପଲବ୍ଧ ହୋଇଥାଏ। ତେବେ ଏମିତି ବି କିଛି ହେୟାର ଆସେସରିଜ ଅଛି, ଯାହାକୁ କେବଳ ଦେଖି ହିଁ ସନ୍ତୁଷ୍ଟ ହେବାକୁ ପଡ଼ିବ। କାରଣ ସେସବୁ ପୃଥିବୀର ଦାମୀ ହେୟାର୍ ଆସେସରିଜ୍ ଭାବେ ପରିଚିତ...**



**ଲରେନ୍ସଗ୍ରାଫଙ୍କ ହୀରାସଜ୍ଜିତ କେଶ–** ୧୯୭୦ରେ ଇଂଲିଶ ଜୁଏଲର ଲରେନ୍ସଗ୍ରାଫ 'ହେୟାର ଆଣ୍ଡ ଜୁଏଲ' ନାମରେ ଏକ କେଶ ବିନ୍ୟାସଶୈଳୀ କରିଥିଲେ। ଯେଉଁଥିରେ ଏକ ମିଲିୟନ ଡଲାରର ହୀରା ଓ ଦାମୀ ରତ୍ନ ବ୍ୟବହାର ହୋଇଥିଲା। ଗହଣା ନିର୍ମାତା ଭାବେ ୬୦ ବର୍ଷ ଅତିବାହିତ କରିବା ଖୁସିରେ ସେ ସେହି କେଶ ବିନ୍ୟାସକୁ ପୁନଃ ନୂତନଶୈଳୀରେ କରିଥିଲେ। ସେଥିରେ ୨୨ଟି ଦାମୀ ଗହଣା ଓ ବହୁ ମୂଲ୍ୟର ହୀରା ବ୍ୟବହାର କରାଯାଇଥିଲା। ଏହି କେଶ ବିନ୍ୟାସ ପାଇଁ ୫୦୦ ମିଲିୟନ ଡଲାର ଖର୍ଚ୍ଚ ହୋଇଥିଲା। ଉକ୍ତ କେଶ ବିନ୍ୟାସ ଫ୍ରାନ୍ସର ଶେଷ ରାଣୀ ମାରି ଆଣ୍ଟୋଇନେଟ୍‌ଙ୍କ କେଶ ବିନ୍ୟାଶ ପରି ହୋଇଥିଲା।

**ହଳଦିଆ ହୀରାର ଟିଆରା–** ହଳଦିଆ ହୀରାରେ ତିଆରି ଏହି ଟିଆରା 'ଟିଫାନୀ ଆଣ୍ଡ କୋ.' ଦ୍ୱାରା ଡିଜାଇନ ହୋଇଛି। ଏହା ଟିଆରା କମ୍ ବ୍ରେସଲେଟ୍ ଅଟେ। କାରଣ ଟିଆରାକୁ ତା'ର ପ୍ଲାଟିନମ୍ ବେସ୍‌ରୁ ବାହାର କରିଦେଲେ ତାକୁ ବ୍ରେସ୍‌ଲେଟ୍ ଭାବେ ପିନ୍ଧିହୁଏ। କେଶର ଶୋଭା ବଢାଇବା ସହ ହାତକୁ ସୁନ୍ଦର କରୁଥିବା ଏହି ଟିଆରାକୁ କିନ୍ତୁ କିଣିବା ମୁସ୍କିଲ। କାରଣ ଏହାର ମୂଲ୍ୟ ୩୩୫ ମିଲିୟନ ଡଲାର।

**ଇମେରାଲ୍ଡ ଓ ଡାଇମଣ୍ଡ ଟିଆରା–** ୧୯୦୦ ମସିହାରେ ବହୁମୂଲ୍ୟ ଇମେରାଲ୍ଡ ଓ ହୀରାରେ ତିଆରି ଏହି ଟିଆରା ଜର୍ମାନୀ ରାଜକୁମାର ଗୁଇଡୋ ହେନକେଲ ଭନ୍ ଡୋମର୍ସମାର୍କଙ୍କ ଦ୍ୱିତୀୟ ପତ୍ନୀ କ୍ୟାଥେରିନ୍‌ଙ୍କୁ ଉପହାର ସ୍ୱରୂପ ମିଳିଥିଲା। ଏମିତି ବି କୁହାଯାଏ ଫ୍ରାନ୍ସର ସମ୍ରାଟ ନେପୋଲିଅନ୍ ତୃତୀୟଙ୍କ ପତ୍ନୀ ହେଉଛନ୍ତି ଏହି ଟିଆରାର ପ୍ରକୃତ ମାଲିକାଣୀ। ଏଥିରେ ୫୦୦ କ୍ୟାରେଟ୍‌ର ୧୧ଟି ପଲିଶ୍‌ଡ୍ ପିୟର ଆକାରର ଇମେରାଲ୍ଡ ଖଚିତ ହୋଇଛି। ନିକଟରେ ଏହା ୧୨.୭ ମିଲିୟନ ଡଲାରରେ ନିଲାମ ହୋଇଥିଲା। ଏହି ଟିଆରାକୁ ଯେ କେହି ବି ଲଗାଇବେ ରାଜକୀୟ ଲୁକ୍ ପାଇବେ। ହେଲେ ଏହାକୁ ପାଇବା ଏକ ସ୍ୱପ୍ନ।

**ନାତାଲି କେ ଡାଇମଣ୍ଡସ୍ ହେୟାର କମ୍ବ–**ଏହା ଏକ ହେୟାର କମ୍ବ। ହେଲେ ଏହାକୁ ବ୍ୟବହାର କରି କେଶର ସୌନ୍ଦର୍ଯ୍ୟ ବଢାଇବା ସଭିଙ୍କ ଭାଗ୍ୟରେ ଜୁଟିବ ନାହିଁ। କାରଣ ଏହାର ମୂଲ୍ୟ ୧୦,୦୦,୦୦୦ ଡଲାର। ଇସ୍ରାଇଲ, ଆଫ୍ରିକା, ରୁଷିଆରୁ ବହୁମୂଲ୍ୟ ରତ୍ନପଥର ସଂଗ୍ରହ କରି ଡିଜାଇନର୍ ନାତାଲି କେ. ଡାଇମଣ୍ଡସ୍ ଏହାକୁ ତିଆରି କରିଛନ୍ତି। ପୂର୍ବତନ ଫ୍ୟାଶନ ମଡେଲ କିମୋରା ଲି ସିମୋନ୍‌ସ ଓସ୍କାର ଉତ୍ସବରେ ରେଡ୍ କାର୍ପେଟ୍‌ରେ ଏହାକୁ ପିନ୍ଧିଥିଲେ।

**ଆନା ଖୁରୀ ୧୮ କ୍ୟାରେଟ୍ ଗୋଲ୍ଡ ଟିଆରା–** ଜୁଏଲେରୀ ଡିଜାଇନର୍ ଆନା ଖୁରୀଙ୍କ ୧୮ କ୍ୟାରେଟ୍ ସୁନାରେ ତିଆରି ଏହି ଟିଆରା ମୁଣ୍ଡରେ ବେଶ୍ ଭଲଭାବେ ଫିଟ୍ ହୋଇଥାଏ। ଏହା ଏକ ସିମ୍ପଲ ଡିଜାଇନ୍‌ର ଟିଆରା କିନ୍ତୁ ବହୁତ ଆକର୍ଷଣୀୟ ଲାଗେ। ସିଲ୍କ ରିବନ୍‌ରେ ବନ୍ଧାଯାଉଥିବା ଏହି ଟିଆରାର ମୂଲ୍ୟ ୨୦,୪୦୦ ଡଲାର। ଖୁରୀଙ୍କ ଡିଜାଇନ୍ ମଡୋନା ମଧ୍ୟ ପିନ୍ଧିଛନ୍ତି।

**ଆନା ଖୁରୀ ୧୮ କ୍ୟାରେଟ୍ ଗୋଲ୍ଡ ଲିଫ୍ ହେୟାର୍ ପିନ୍–** ଆନା ଖୁରୀଙ୍କର ଏହା ଆଉ ଏକ ଡିଜାଇନ୍। ୧୮ କ୍ୟାରେଟ୍ ସୁନାର ଏହି ପତ୍ର ଡିଜାଇନ୍‌ର ହେୟାରପିନ୍‌କୁ କେଶରେ ଲଗାଇଲେ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏହାର ମୂଲ୍ୟ ହେଉଛି ୧୭,୨୦୦ ଡଲାର।

**ଡୋଲ୍ସ ଆଣ୍ଡ ଗବାନା ଏମ୍ବେଲିଶ୍‌ଡ ଭେଲଭେଟ୍ ହେଡବ୍ୟାଣ୍ଡ–** ଫ୍ୟାଶନ ଜଗତରେ ଡୋଲ୍ସ ଆଣ୍ଡ ଗବାନା ଏକ ପରିଚିତ ନାମ। ଏହି ବ୍ରାଣ୍ଡ ପୋଷାକ ଡିଜାଇନ୍ ପାଇଁ ବେଶି ପରିଚିତ। ତେବେ ୨୦୧୨ ରନ୍‌ୱେ ଶୋ'ରେ ଏହି ବ୍ରାଣ୍ଡ ଗ୍ଲାମର୍ସ ହେଡବ୍ୟାଣ୍ଡ ଓ ହେଡପିସ୍‌ଗୁଡିକୁ ଡିଜାଇନ୍ କରିବା ଆରମ୍ଭ କଲେ। ଏହି ଭେଲଭେଟ୍ ହେଡବ୍ୟାଣ୍ଡ କ୍ରିଷ୍ଟାଲ୍, ଗୋଲ୍ଡ ଚାର୍ମ ଓ ଲେସ୍‌ରେ ସଜ୍ଜିତ। ଏହାର ମୂଲ୍ୟ ୧୮୨୫ ଡଲାର।

**ମିସ୍ ରୁଷୀୟା ୨୦୧୦ କ୍ରାଉନ୍–** ୨୦୧୦ରେ ମିସ୍ ରୁଷୀୟା ଇରିନା ଆଣ୍ଟୋନେଙ୍କୋ ସୁନ୍ଦରୀ ପ୍ରତିଯୋଗିତାର ସବୁଠାରୁ ଦାମୀ କ୍ରାଉନ୍ ପିନ୍ଧିବାର ସୁଯୋଗ ପାଇଥିଲେ। ଯାହାର ମୂଲ୍ୟ ୧ ମିଲିୟନ ଡଲାର। ଏହାକୁ ଜୁଏଲେରୀ ହାଉସ୍ ଜୁଏଲେରୀ ଥିଏଟର ତିଆରି କରିଛି। ଏହା ୭୫୦ କ୍ୟାରେଟ୍‌ର ହ୍ୱାଇଟ୍ ଗୋଲ୍ଡରେ ତିଆରି। ଏଥିରେ ୬୨ କ୍ୟାରେଟ୍‌ର ୨,୩୫୮ଟି ହୀରା ଓ ୧୪ଟି ବିରଳ ମୋତି ଖଚିତ ହୋଇଛି। ସେତେବେଳେ ଉକ୍ତ କ୍ରାଉନ୍ ଏତେ ପବ୍ଲିସିଟି ପାଇଥିଲା ଯେ, ଆଣ୍ଟୋନେଙ୍କୋଙ୍କ ଗ୍ଲାମର ଓ ବିଜୟ ତା'ମଧ୍ୟରେ ହଜି ଯାଇଥିଲା।







# ଅନ୍ତର୍ଜାତୀୟ ସୁପରଷ୍ଟାର



ଇଣ୍ଟରନ୍ୟାଶନାଲ ସୁପରଷ୍ଟାର ବା ଅନ୍ତର୍ଜାତୀୟ ସୁପରଷ୍ଟାର । ଅତି କମ୍ ବୟସରେ ଏଭଳି ଏକ ମୁକୁଟ ପିନ୍ଧିବାର ସଫଳ ହୋଇଛନ୍ତି ସେ । ଏକ ପରିସଂଖ୍ୟାନ ଅନୁଯାୟୀ ସେ ହେଉଛନ୍ତି ଏମିତି ଜଣେ ଅଭିନେତ୍ରୀ ଯାହାଙ୍କ ବିଷୟରେ ସର୍ବାଧିକ ଥର ଅନ୍ତର୍ଜାତୀୟ ପତ୍ରିକାମାନଙ୍କରେ ତଥ୍ୟ ପ୍ରକାଶିତ ହୋଇଛି । ପୁଣି ଇଣ୍ଟରନେଟ୍‌ରେ ମଧ୍ୟ ତାଙ୍କ ଫଟୋର ଡାଉନ୍‌ଲୋଡ଼ ତାଲିକା ସର୍ବାଧିକ । ଏହି ସବୁକୁ ଆଖି ଆଗରେ ରଖି ତାଙ୍କୁ କୁହାଯାଉଛି ଅନ୍ତର୍ଜାତୀୟ ସୁପରଷ୍ଟାର ବା ଇଣ୍ଟରନ୍ୟାଶନାଲ ସୁପରଷ୍ଟାର । ସେ ହେଉଛନ୍ତି ସୁନ୍ଦରୀ ଅଭିନେତ୍ରୀ ଏମା ୱାଟ୍‌ସନ୍ । ବିଶେଷକରି 'ଦି ବ୍ଲିଙ୍ଗ୍ ରିଙ୍ଗ୍' ଫିଲ୍ମ ରିଲିଜ୍ ହେବା ପରେ ତାଙ୍କର ଚାହିଦା ଅନ୍ତର୍ଜାତୀୟ ସ୍ତରରେ ବୃଦ୍ଧି ପାଇଛି ।

୨୦୧୩ରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ଦି ବ୍ଲିଙ୍ଗ୍ ରିଙ୍ଗ୍' । ଏହା ଏକ ବ୍ୟଙ୍ଗାତ୍ମକ କ୍ରାଇମ୍ ଡ୍ରାମା । କିଛି ପଥଭ୍ରଷ୍ଟ କିଶୋର ଜଣେ ସୁନ୍ଦରୀ ସେଲିବ୍ରିଟିଙ୍କ ଘରୁ ଚୋରି କରୁଛନ୍ତି । ଏହି ସୁନ୍ଦରୀ ସେଲିବ୍ରିଟି ଭୂମିକାରେ ଅଭିନୟ କରିଛନ୍ତି ସୁନ୍ଦରୀ ଏମା । ଫିଲ୍ମ ରିଲିଜ୍ ହେବା ପରେ ମୁଭି କ୍ରିଟିକ୍‌ମାନେ କହିଥିଲେ ଯେ ଏହା ହେଉଛି ଏମାଙ୍କ ଜୀବନର ସବୁଠାରୁ ସଫଳ ଫିଲ୍ମ । ଏହି ଫିଲ୍ମ ହିଁ ଏମାଙ୍କୁ ଜଣେ ଅନ୍ତର୍ଜାତୀୟ ନାୟିକାରେ ପରିଣତ କରିଦେଇଥିଲା ।

**ହ୍ୟାରି ପୋଟର୍‌ରୁ ଆରମ୍ଭ :** ଏମାଙ୍କୁ ହ୍ୟାରିପୋଟର୍‌ର ନାୟିକା ବୋଲି କୁହାଯାଏ । ତାଙ୍କର ପୂରାନାମ ଏମା ଚାର୍ଲୋଟ୍ ଡୁଏରେ ୱାଟ୍‌ସନ୍ । ପ୍ୟାରିସ୍‌ରେ ଜନ୍ମ । ସେ ଏକାଧାରରେ ଜଣେ ମଡେଲ୍ ତଥା ଅଭିନେତ୍ରୀ । ସେ ୯ ବର୍ଷର ହୋଇଥିବା ବେଳେ ଅଭିନୟ ଜଗତକୁ ଆସିଥିଲେ । ସେହି ଫିଲ୍ମ ଥିଲା ହ୍ୟାରି ପୋର୍ଟର୍ । ହ୍ୟାରି ପୋଟର ସିରିଜ୍ ହିଁ ଏମାଙ୍କୁ ଜଣେ ଅଭିନେତ୍ରୀର ମାନ୍ୟତା ଦେଇଥିଲା । ହରମିନ୍ନୁ ଗ୍ରାଞ୍ଜର ଭୂମିକାରେ ଅଭିନୟ କରି ସେ ସମସ୍ତଙ୍କ ମନ ଜିଣି ନେଇଥିଲେ ।

**ମୂଳରୁ ଅଭିନୟ :** ପିଲାଟି ବେଳୁ ଏମାଙ୍କ ଭିତରେ ଅଭିନୟ କରିବାର ନିଶା ଭରପୂର ହୋଇ ରହିଥିଲା । ସ୍କୁଲ୍‌ରେ ଅନୁଷ୍ଠିତ ଡ୍ରାମା ତଥା ଏକକ ଅଭିନୟରେ ସେ ଅଂଶଗ୍ରହଣ କରୁଥିଲେ ଓ ପ୍ରାଇଜ୍ ଜିତୁଥିଲେ । ହ୍ୟାରି ପୋଟର ସିରିଜ୍‌ରେ ଅଭିନୟ କରି ସେ ହଲିଉଡ୍‌କୁ ପ୍ରବେଶ କରିଥିଲେ । ବୟସରେ କମ୍ ହୋଇଥିଲେ ମଧ୍ୟ ଏମାଙ୍କ ପ୍ରତିଭା ତାଙ୍କୁ ସଫଳତାର ପାହାଚ ଚଢ଼େଇ ନେଇଥିଲା । ବଡ଼ ପରଦାରେ ନୁହେଁ ; ଏମା ୱାଟସନ୍ ଟେଲିଭିଜନ୍‌ରେ ମଧ୍ୟ ବେଶ୍ ସମାନ୍ତରାଳ ଭାବରେ ସକ୍ରିୟ । 'ଦି ଟେଲ୍ ଅଫ୍ ଡେସ୍‌ପିରେକ୍ସ' ଥିଲା ତାଙ୍କର ପ୍ରଥମ ଟେଲି ସିରିଜ୍ । ଏହା ଥିଲା ଏକ ଆନିମେଟେଡ଼ ଫିଲ୍ମ ।

**ଜନ୍ମ ଓ ପରିବାର :** ୧୯୯୦ ମସିହା ଏପ୍ରିଲ୍ ୧୫ ତାରିଖରେ ପ୍ୟାରିସ୍‌ର ଏକ ଓକିଲ ପରିବାରରେ ଏମା ୱାଟ୍‌ସନ୍ ଜନ୍ମଗ୍ରହଣ କରିଥିଲେ । ବାପାଙ୍କ ନାଁ କ୍ରିସ୍ ୱାଟ୍‌ସନ୍ ଏବଂ ମା'ଙ୍କ ନାମ ଜାକ୍‌ଲିନ୍ ଲୁସ୍‌ବେ । ଦୁହେଁ ଆଇନ୍ ବ୍ୟବସାୟ ସହିତ ଜଡ଼ିତ ଥିଲେ । ତାଙ୍କୁ ଯେତେବେଳେ ପାଞ୍ଚବର୍ଷ ସେତେବେଳେ ତାଙ୍କ ବାପାମା'ଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଲା । ବାପା ସେମାନଙ୍କଠାରୁ ଦୂରେଇଗଲେ । ମା' ଜାକ୍‌ଲିନ୍ ବ୍ରିଟେନ୍ ଫେରି ଆସିଲେ । ପ୍ୟାରିସ୍‌ରେ ଜନ୍ମ ହୋଇଥିଲେ ମଧ୍ୟ ବ୍ରିଟେନ୍‌ରେ ବିତିଲା ତାଙ୍କ କୈଶୋର ଓ ଯୌବନ । ପାଠପଢ଼ା ମଧ୍ୟ ବ୍ରିଟେନ୍‌ରେ ହେଲା । ଏହାସତ୍ତ୍ୱେ ବି ଏମା ଭଲପାଆନ୍ତି ପ୍ୟାରିସ୍‌କୁ । କାରଣ ପ୍ୟାରିସ୍ ତାଙ୍କର ଜନ୍ମସ୍ଥାନ ।

**୬ ବର୍ଷରୁ ଅଭିନୟରେ ତାଲିମ :** ସେ ୬ ବର୍ଷର ହୋଇଥିବା ବେଳେ ନିଷ୍ପତ୍ତି ନେଇଥିଲେ ଯେ, ବଡ଼ ହୋଇ ସେ ଅଭିନେତ୍ରୀ ହେବେ । ଅଭିନୟକୁ କ୍ୟାରିୟର କରିବେ । ସେଥିଲାଗି ସେ ଏକ ନାଟ୍ୟ ଅନୁଷ୍ଠାନରେ ବିଧିବଦ୍ଧ ଭାବରେ ତାଲିମ୍ ନେଲେ । କେବଳ ଅଭିନୟ ନୁହେଁ ; ଅଭିନୟ ସହିତ ଗୀତ, ନାଚ ଏବଂ ଅନ୍ୟାନ୍ୟ ବିଭାଗରେ ତାଲିମ ନେଲେ । ୧୦ ବର୍ଷର ହେବା ବେଳକୁ ଏମା ସ୍କୁଲ୍ ତଥା ସ୍ଥାନୀୟ ଅଞ୍ଚଳରେ ଥିବା ନାଟ୍ୟ ଅନୁଷ୍ଠାନମାନଙ୍କରେ ଅଂଶ ଗ୍ରହଣ କରି ପ୍ରସିଦ୍ଧ ହୋଇ ପାରିଥିଲେ । ଏହି ସମୟରେ ହ୍ୟାରି ପୋଟର ସିରିଜ୍ ପାଇଁ ଜଣେ ସୁନ୍ଦରୀ କିଶୋରୀ ଅଭିନେତ୍ରୀଙ୍କୁ ଖୋଜା ଯାଉଥିଲା । ସେଥିଲାଗି କଳାକାର ଚୟନ କରାଯାଉଥିଲା । ଏମା ଏହି କଳାକାର ଚୟନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

**ବ୍ୟକ୍ତିଗତ ଜୀବନ :** ୨୦୦୧ରେ ହ୍ୟାରି ପୋଟର ସିରିଜ୍‌ର ପ୍ରଥମ ଫିଲ୍ମ 'ଦି ଫିଲୋସଫର୍‌ସ ଷ୍ଟୋନ୍'ର ଶୁଭମୁକ୍ତି ହେଲା । ପ୍ରଥମ ଦିନରେ ହିଁ ଏହା ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିଲା । ସମାଲୋଚକମାନେ ପ୍ରଶଂସାରେ ପୋତି ପକେଇଥିଲେ ଏହି ଫିଲ୍ମ ସହିତ ଏମା ୱାଟ୍‌ସନ୍‌ଙ୍କୁ । ଏମାଙ୍କ ଅନ୍ୟ ଫିଲ୍ମ ମଧ୍ୟରେ ରହିଛି 'ଦିସ ଇଜ ଦ ଏଣ୍ଡ', 'କଲୋନିଆ', 'ବିୟୁଟି ଆଣ୍ଡ ଦ ବିଷ୍ଟ', 'ଲିଟିଲ ୱିମ୍ୟାନ୍' ଏବଂ ଆହୁରି ଅନେକ ।









# ସ୍ମାର୍ଟ ଫୋନ

**-ଚିତ୍ତରଞ୍ଜନ ବାରିକ**

ଖରାଛୁଟି ହୋଇ ନ ଥାଏ, ଆହୁରି ଦଶ ବାର ଦିନ ଅଛି । ଭାବିଥିଲି ଛୁଟିରେ ବୁଲିଯିବି । କେଜାଣି କାହିଁକି ଆଜି ବେଶି ଘରକଥା ମନେପଡୁଛି, ଭାବିଲି ଘରକୁ ଯାଇ ବୁଲି ଆସିବି । ଘରକୁ ବାହାରିଲି ମନରେ ଅନେକ ଅଭିମାନ ଥାଏ ବୋଉ ବାପାଙ୍କ ପ୍ରତି । ଗାଡ଼ିରେ ବସିଲି, ଆହୁରି ଏମିତି ଅନେକ କିଛି ଭାବୁଥାଏ। ଭାବୁ ଭାବୁ କେତେବେଳେ ଯାଇ ଗାଁମୁଣ୍ଡ ବରଗଛ ପାଖରେ ଗାଡ଼ି ଆସି ପହଞ୍ଚିଗଲା ଜଣାପଡ଼ିଲାନି। ବସ୍ କଣ୍ଡକ୍ଟର ଡାକ ଶୁଣି ଜାଣିପାରିଲି ଗାଁରେ ପହଞ୍ଚି ସାରିଲିଣି । ଗାଁ ମାଟିର ବାସ୍ନା ମୋ ମନକୁ ଖୁବ୍ ଆନନ୍ଦିତ କରୁଥିଲା। ହେଲେ ବୋଉ ବାପାଙ୍କ ପ୍ରତି ଥିବା ଅଭିମାନ ମୋ ମନରେ ଖୁସି ଦେଇପାରୁ ନ ଥିଲା । ସିଧା ଯାଇ ପହଞ୍ଚିଲି ଘରେ । ସଙ୍ଗେ ସଙ୍ଗେ ବୋଉ ମତେ ଦେଖି କାନ୍ଦିପକାଇ କୋଳେଇ ନେଲା । ଆଉ ତା' କାନିରେ ମୁହଁ ପୋଛିଦେଇ କହିଲା, ମୋ ବାପାର ମୁହଁଟା ଖରାରେ ଶୁଖି କଳାକାଠ ପଡ଼ିଗଲାଣି। ଗଲୁ ଗଲୁ ମୁହଁ ହାତ ଧୋଇପକା, ତୋ ପାଇଁ ଖାଇବା ବାଢୁଛି । ମୁଁ ପଚାରିଲି ବୋଉ! ବାପା କାହାନ୍ତି। ବୋଉ କହିଲା, ସେ ଦୋକାନରୁ ଆସିନାହାନ୍ତି । ଏତେ ମୁଣ୍ଡଫଟା ଖରା ହେଉଛି ବାହାରକୁ ବାହାରି ହେଉନି, ହେଲେ ବାପା ଏତେ ବେଳେ ଯାଏ ଦୋକାନରେ କ'ଣ କରୁଛନ୍ତି । ବୋଉ କହିଲା, ଆଜି ରବିବାରଟା, ବଜାର ବାରି ରହିଯାଇଛନ୍ତି। ଠିକ୍ ଅଛି ବାପା ଆସନ୍ତୁ ମିଶିକରି ଆମେ ଖାଇବା । କିଛି ସମୟ ପରେ ବାପା ଆସି ପହଞ୍ଚିଲେ ଆଉ ମୋତେ ଦେଖି ବିନା ଶବ୍ଦରେ କିଛି ନ କହି ମଧ୍ୟ ତାଙ୍କ ଲୁହ ଭରା ଆଖି ସବୁକିଛି କହିପକାଉଥିଲା । ମୋ ଆଖି ମଧ୍ୟ ଲୁହରେ ଛଳ ଛଳ ହେଇଗଲା । ମିଶିକରି ଖାଇଲୁ । ବୋଉ କହିଲା, ବବୁନି ରାତିରେ ତୁ କ'ଣ ଖାଇବୁ କହ ତୋ ପାଇଁ ବନେଇଦେବି । ମୁଁ ଟିକେ ରାଗିଯାଇ କହିଲି , ବିଷ ଅଛି। ବିଷ ଟିକେ ଦେଇ ଦେବୁ , ମୁଁ ଖାଇ ଦେବି। ହଠାତ୍ ବାପା ବୋଉ ମୋ ମୁହଁକୁ ଅନାଇ କିଛି ବୁଝିପାରିଲେନି । ବୋଉ ପଚାରିଲା, ଆରେ ଧନ! ଏମିତି କ'ଣ କହୁଛୁ, କ'ଣ ହେଇଚି ତୋର, ତୁ କହିଲେ ସିନା ମୁଁ ଜାଣିବି । ମୁଁ କହିଲି, ମୋ ସାଙ୍ଗମାନେ କେତେ ଭଲ ଭଲ ଗାଡ଼ି ଚଲାଉଛନ୍ତି, କେତେ ଭଲ ଭଲ ଦାମୀ ଦାମୀ ମୋବାଇଲ ଧରୁଛନ୍ତି , ଆଉ ତୁମେ ମତେ କ'ଣ ଦେଇଛ, ସେ ସବୁ ତ ସ୍ୱପ୍ନ ମୋ ପାଇଁ । ଏମିତି ଜୀବନ ଜିଇଁବାକୁ ଇଚ୍ଛା ନାହିଁ ଯେଉଁଠି ନିଜର ଇଚ୍ଛା ପୂରଣ ହୁଏନି। ବାପା ହଠାତ୍ କିଛି ନ କହି ଖାଇବା ପାଖରୁ ଉଠିଗଲେ। ମୋ କଥା ସରି ନ ଥାଏ। ମୁଁ କହିଲି, ସାମାନ୍ୟ ସ୍ମାର୍ଟ ଫୋନ୍ ଗୋଟେ ଦେଇପାରୁନ। ତା'ପରଦିନ ସକାଳୁ ହଷ୍ଟେଲ ଯିବାକୁ ବାହାରିଲି । ବୋଉ ସଙ୍ଗେ ସଙ୍ଗେ ଚୁଡ଼ା,ଲୁଣ ଆଉ ଡବାରେ ଯାହା ଚିନି ଥିଲା ସବୁ ଅଜାଡ଼ିଦେଲା। କହିଲା, ବାପାରେ ଟିକେ ଖାଇଦେ କେତେବେଳ ହେବ ପହଞ୍ଚୁ ପହଞ୍ଚୁ। ସେ ଯାହା ହେଉ ଟିକେ ଖାଇଦେଇ ବାହାରିପଡିଲି। ଗାଁ ଛକ ମୁଣ୍ଡକୁ ଗାଡ଼ି ଆସିଲା ବେଳକୁ ହଠାତ୍ ମନେପଡ଼ିଗଲା ହଷ୍ଟେଲ ରୁମ୍‌ର ଚାବିଟା ଛାଡ଼ିଦେଇଛି । ଘରକୁ ଫେରିଲି ଚାବି ଆଣିବା ପାଇଁ । ଘରର ଦୁଆର ପାଖରେ ପହଞ୍ଚିବା ମାତ୍ରେ ଶୁଣିଲି ବାପାଙ୍କ କାନ୍ଦିବାର ଶବ୍ଦ। ଘର ଭିତରକୁ ନ ପଶି ସେଇଠି ରହିଗଲି । ଆଗରୁ କେବେ ବାପାଙ୍କର କାନ୍ଦିବାର ଶୁଣିନି । ବାପା କାନ୍ଦି କାନ୍ଦି ବୋଉକୁ କହୁଥାନ୍ତି, ଧିକ ମୋ ବାପା ପଣିଆ। ଧିକ ମୁଁ କିଛି କରିପାରିଲିନି ମୋ ପିଲାମାନଙ୍କ ପାଇଁ । କିଛି ବି ଅଭାବ ପୂରଣ କରିପାରିଲିନି ,କିଛି ବି ରଖି ପାରିଲିନି କହି ଭୋ ଭୋ ହେଇ କାନ୍ଦୁଥାନ୍ତି । ବୋଉ ମଧ୍ୟ କାନ୍ଦି କାନ୍ଦି ବୁଝାଉଥାଏ। କାନ୍ଦିବା ବନ୍ଦ କର– ପିଲାଟା ଏବେ ଏବେ ଘରୁ ବାହାରିଛି, ଭଲରେ ଭଲରେ ପହଞ୍ଚିଯାଉ । ବାପା କହୁଥାନ୍ତି, ଠିକ୍ ଅଛି ଏଇ ମାସଠାରୁ ମୋ ଭତ୍ତା ପଇସା ଜମାଇ ରଖିବି ଆଉ ଡାଇବେଟିସ ମେଡିସିନ ଆଣିବିନି, କିଛି ଟଙ୍କା ଜମାଇ ତା' ପାଇଁ ଗୋଟେ ମୋବାଇଲ(ସ୍ମାର୍ଟ ଫୋନ) ଆଣିଦେବି। ବୋଉ ମଧ୍ୟ କହୁଥାଏ– ମୋର ବି ଏ ମାସରେ ମେଡିସିନ ମୁଁ ଆଣିନାହିଁ ସେ ଟଙ୍କା ଅଛି , ନେଇଯାଅ ମିଶେଇକି ନେଇ ଆସିବ । କବାଟ ସେପଟୁ ଏ କଥା ଶୁଣି ହଠାତ୍ ମୋ ପାଦ ତଳୁ ମାଟି ଖସିଗଲା ପରି ଲାଗିଲା। ବାପା ବୋଉଙ୍କ ଉପରେ ଯେଉଁ ଅଭିମାନର କୋହ ଥିଲା ହଠାତ୍ ତାହା ଲୁହ ହୋଇ ଆଖି ବାଟେ ବୋହିଗଲା। ଧଡ୍ କରି କବାଟଟା ଖୋଲି ଦେଇ ବର୍ଷକର ପିଲା ଭଳି ବାପା ବୋଉଙ୍କ ମଝିରେ ଶୋଇପଡ଼ି ଭୋ ଭୋ ହେଇ କାନ୍ଦି ପକାଇ କହିଲି, ମୋତେ କ୍ଷମା କରି ଦିଅ । ମୋର ଏ ସବୁ କିଛି ଦରକାର ନାହିଁ , କେବଳ ତମେ ଦରକାର । କେବଳ ତମେ । ବାପା ତାଙ୍କ କୋହଭରା ଛାତିରେ ଚାପିଧରି କହିଲେ, ବାଇଆଟା କାନ୍ଦୁଛୁ କାହିଁକି । ମୁଁ ଅଛି ତୋ ବାପା ଅଛି । ମୁଣ୍ଡକୁ ଟିକେ ଆଉଁସି ଦେଇ କହିଲେ, "ମୂଳ ଲାଗି ଥାରେ ମୂଳିଆ ଦିନେ ପାଇବୁ ମଜୁରି"।

*-କଟକ , ଚୌଦ୍ୱାର*






## ଯନ୍ତ୍ରଣା

**-ରବିନ କୁମାର ସେଠୀ**

ରାତି ସିନା ସରିଯାଏ
ଦିନ ଆସେ ପଟୁଆର ଧରି
ଯନ୍ତ୍ରଣାକୁ ଚାପିଧରି
ଛାତିର କୋହରେ,
ତଥାପି ସେ ବିଞ୍ଚିଦିଏ
ତାର ଚୁନି ଚୁନି ହସକୁ
କଅଁଳ ସୂର୍ଯ୍ୟକିରଣ ପରି
ପୃଥିବୀର ପ୍ରତି ପ୍ରାନ୍ତରେ।
ଆଉ ଲୁହଭିଜା ପଣତରେ
ସାଇତି ରଖେ ସଂଚିତ ଦୁଃଖକୁ
ଠିକ୍ ଅନ୍ୟ ଦିନ ପାଇଁ।।

*-ବାଲିଛକ ସାହି, ଜଟଣୀ (ଖୋରଧା)*

## ସ୍ୱର-ଆପଣାର

**-ଶିବ ମିଶ୍ର**

(ଏକ)

ବାକିଅଛି ଯେତେ ହୃଦୟର କଥା
କା ଆଗେ କହିବି
ଶୁଣିବ କହତ, କିଏ।
ସାରା ବସୁଧାକୁ ଉଖାରି ଉଖାରି
ଖୋଜୁଛି ମୁଁ ଶ୍ରୋତାଟିଏ।

(ଦୁଇ)

ଏଇ ମୋ ଜୀବନ କେତେ ମୁହୂର୍ତ୍ତର
ସେକଥା ମୁଁ ଜାଣେ ନାହିଁ
ସେଥିପାଇଁ ତ ଚାହୁଁଛି ନିରତ
ଜୀବନର ପ୍ରତି ମୁହୂର୍ତ୍ତକୁ ନୂଆ
ରୂପରେ ଦେଖିବା ପାଇଁ।

*-ବାଣପୁର, ଖୋର୍ଦ୍ଧା*

## ସଭ୍ୟତା

**-ଅମିତାଭ ସାହୁ**

ଏଠି ସଭ୍ୟତା କହିଲେ
ଗାଢନିଦରେ
ଶୋଇ ଯାଇଥିବା ଗୋଟେ ଜାତି
ଅନାହାର ଅପପୁଷ୍ଟିରେ
ମରି ମରି ବଞ୍ଚୁଥିବା ଗୋଟେ ଜୀବନ
ଜଡ଼ ମୂକ ପାଲଟି ଯାଇଥିବା
ଗୋଟେ ଜୀବନ୍ତ ମୂର୍ତ୍ତି।

*-କଳମ୍ବ, ପୋଲସରା,*
*ଗଞ୍ଜାମ-୭୬୧୧୦୫*

# ଗୀତରୁ ଆରମ୍ଭ



ରାକେଶ– ଦିବ୍ୟା

ପ୍ରେମର ଆରମ୍ଭ ଭିନ୍ନ ଭିନ୍ନ ପରିସ୍ଥିତିରୁ ହୋଇଥାଏ। ଦୁଇଜଣ ସୁନ୍ଦରୀ ପ୍ରଥମେ ଜଣେ ଗାୟକର ଗୀତରେ ପ୍ରଭାବିତ ହୁଅନ୍ତି। ଗୀତଟି ଦୁହିଁଙ୍କୁ ଏତେ ଆହ୍ଲାଦିତ କରେ ଯେ, ଗାୟକଙ୍କୁ ମନେ ମନେ ଭଲ ପାଇ ବସନ୍ତି। ହେଲେ ସେମାନଙ୍କର ମନର ନାୟକକୁ ପାଇବାକୁ ସେମାନଙ୍କୁ ବେଶ୍ କସରତ କରିବାକୁ ପଡ଼େ। ହେଲେ ତାହାକୁ ସାମନା କରି ସେମାନେ ଆଗାନ୍ତି। ଏଭଳି ପ୍ରେମର ଶେଷ କିପରି ହୁଏ ? ଗୀତକୁ ନିଜ ଜୀବନର ଅନ୍ୟତମ ଅଙ୍ଗ ଭାବରେ ଗ୍ରହଣ କରିଥିବା ଏହି ଯୁବକ ପ୍ରେମରେ ପଡିବା ପରେ ଗୀତ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି କି ? ଏସବୁ ପ୍ରଶ୍ନର ଉତ୍ତରକୁ ନେଇ ପ୍ରସ୍ତୁତ ହୋଇଛି ଟିନ୍-ଏଜ୍ ଲଭ୍ ଷ୍ଟୋରିଭିତ୍ତିକ ଓଡ଼ିଆ ଚଳଚ୍ଚିତ୍ର 'ତୁ କହିଦେ ଆଇ ଲଭ୍ ୟୁ'। ବି.ଏମ. ପ୍ରଡକ୍ସନ ବ୍ୟାନରରେ ଏହି ସିନେମାର ପ୍ରଯୋଜନା କରିଛନ୍ତି ବିକ୍ରମ ମହାପାତ୍ର ଏବଂ ପ୍ରଭାତ କୁମାର ମହାପାତ୍ର। ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଇଛନ୍ତି ସତ୍ୟବ୍ରତ ନାୟକ। ତିନିଜଣ ସ୍ୱର ସଂଯୋଜକ-ଦୁର୍ଗା, ନବ୍ସ ଏବଂ ସରୋଜଙ୍କ ସ୍ୱର ସଂଯୋଜନାରେ ସଂଯୋଜିତ ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ବିଷ୍ଣୁମୋହନ କବି, ସତ୍ୟଜିତ, ଅନନ୍ୟା, ଅମ୍ରିତା, ଭାରତୀ ପଣ୍ଡା ଏବଂ ଅମ୍ରିତା ନାୟକ। ଫିଲ୍ମର ବିଭିନ୍ନ ଭୂମିକାରେ ରାକେଶ, ଦିବ୍ୟା, ସନନମିତା, ମିହିର ଦାସ, ପୃଥ୍ୱୀରାଜ, ନମ୍ରତା ଦାଶ, ପ୍ରଜ୍ଞା, ଜୀବନ ପଣ୍ଡା, ସନ୍ତୋଷ ନାୟକ ଅଭିନୟ କରିଛନ୍ତି।

# ସଲ୍ଲୁଙ୍କ ପ୍ରଶଂସାରେ କ୍ୟାଟ୍ରିନା



ସଲମାନ ଖାଁ ଓରଫ ସଲ୍ଲୁ ମିଆଁ ଏବଂ କ୍ୟାଟ୍ରିନା କୈଫ ଅଧିକାଂଶ ସମୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଥାଆନ୍ତି। ଏପରି କି ଦୁହେଁ ସତସତିକା ଘର ସଂସାର କରିବେ ବୋଲି ଆଲୋଚନା ଚାଲିଛି। ଠିକ୍ ଏହି ସମୟରେ କ୍ୟାଟ୍ରିନା ବେଳ ଦେଖି ତୀର ମାରିଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ସେ ସଲ୍ଲୁଙ୍କୁ ଏମିତି ପ୍ରଶଂସା କଲେ ଯେ ସେଠାରେ ଉପସ୍ଥିତ ବ୍ୟକ୍ତି ତାହା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। 'ବଲିଉଡ୍‌ରେ ଯେତେ ଷ୍ଟାର ଅଛନ୍ତି ସେମାନଙ୍କ ମଧ୍ୟରୁ ସଲମାନଙ୍କ ସହ ଆକ୍ଟିଂ କରିବାର ମଜା ନିଆରା। କାରଣ ତାଙ୍କର ଅଭିନୟ ସବୁବେଳେ ସ୍ୱତନ୍ତ୍ର। ତାଙ୍କ ସହ ମୁଁ ଯେତେ ସିନେମାରେ ଅଭିନୟ କରିଛି ତାହା ମୋ ପାଇଁ ସବୁବେଳେ ସ୍ମରଣୀୟ ହୋଇରହିବ। ନିକଟରେ ଆମ ଅଭିନୀତ 'ଭାରତ'କୁ ଭଲ ରେସପନ୍ସ ମିଳିଥିଲା। ଆଗକୁ ଯଦି ମୋତେ ତାଙ୍କ ସହ ଅଭିନୟ କରିବାର ଅଫର ମିଳେ ତେବେ ମନା କରିବି ନାହିଁ।' ଶୁଣିବାକୁ ମିଳୁଛି ଯେ ସଲମାନଙ୍କ ହୋମ୍ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଦୁଇଟି ସିନେମାର ଫିମେଲ୍ ଲିଡ୍‌ରେ ଅଭିନୟ କରିବେ କ୍ୟାଟ୍ରିନା। ତେବେ ଏହି କଥା ପଛରେ କେତେ ସତ୍ୟତା ଅଛି ତାହା ଖୁବ୍‌ଶୀଘ୍ର ଜଣାପଡିଯିବ।


ଆଥିୟା

# ତଥାପି ଅପେକ୍ଷା କରିବି

ବଲିଉଡ୍‌ରେ ଏହି ଷ୍ଟାର କିଡ୍ ଏଣ୍ଟ୍ରି କରିଥିଲେ ୨୦୧୫ରେ। ଚଳଚ୍ଚିତ୍ରଟି ଥିଲା 'ହିରୋ'। ତା'ପରେ ଦ୍ୱିତୀୟ ସିନେମା ପାଇବାକୁ ତାଙ୍କୁ ଦୁଇବର୍ଷ ଅପେକ୍ଷା କରିବାକୁ ପଡିଥିଲା। ପ୍ରଥମ ସିନେମା ପରେ ସେ 'ମୁବାରକନ୍', 'ନୱାବଜାଦେ' (ଏଥିରେ ଏକ ଗୀତରେ ଅତିଥି କଳାକାର)ରେ ଅଭିନୟ କରିସାରିଛନ୍ତି। ହେଲେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇନାହାନ୍ତି। କାରଣ ଏହି ତିନୋଟି ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏବେ ସେ ଅଭିନୟ କରୁଥିବା ମୋତିଚୋର ଚକନାଚୁର' ରିଲିଜ ଅପେକ୍ଷାରେ ରହିଛି। ଏହି ଅଭିନେତ୍ରୀ ଜଣକ ହେଲେ ସୁନୀଲ ସେଟ୍ଟୀଙ୍କ ଝିଅ ଆଥିୟା ସେଟ୍ଟୀ। ନିଜର ବଲିଉଡ୍ କ୍ୟାରିୟରକୁ ନେଇ ସେ ବେଶ୍ ଆଶାବାଦୀ। ଭବିଷ୍ୟତରେ ତାଙ୍କୁ ନିଶ୍ଚୟ ଭଲ ଅଫର ମିଳିବ ବୋଲି ଆଶା ରଖିଛନ୍ତି ସେ। ଏ ବିଷୟରେ ଆଥିୟା କହନ୍ତି, 'ଏକଥା ସତ ଯେ ମୋର ପ୍ରଥମ କେତୋଟି ସିନେମା ଫ୍ଲପ ହୋଇଛି। ଏହାର ଅର୍ଥ ନୁହେଁ ଯେ, ମୁଁ ଫିଲ୍ମ ସାଇନ୍ କରିବା ଛାଡି ଦେଇଛି। ଏବେ ଦେଖିଚାହିଁ ସାଇନ୍ କରୁଛି। ଭଲ କାହାଣୀ, ଭୂମିକାକୁ ଗୁରୁତ୍ୱ ଦେଉଛି। ଇତି ମଧ୍ୟରେ ପାଖାପାଖି ୪-୫ଟି ଅଫର ହାତଛଡା କରିଛି, କାରଣ ସେହି ଫିଲ୍ମଗୁଡିକର କାହାଣୀ ମୋତେ ଆଦୌ ପ୍ରଭାବିତ କରିପାରି ନ ଥିଲା। ମୋର ବିଶ୍ୱାସ ଦିନେ ନା ଦିନେ ମୋତେ ଭଲ ଅଫର ମିଳିବ ଏବଂ ମୁଁ ମୋର ଅଭିନୟ ଦକ୍ଷତା ଦେଖାଇପାରିବି।' ତେବେ ଆଥିୟାଙ୍କ ପାଇଁ ଏହି ଶୁଭ ଦିନ କେବେ ଆସୁଛି ତାହା ଦେଖିବାକୁ ବାକି ରହିଲା।


ବାଣୀ

# ଏ ମନ ଖୋଜୁଥାଏ ଯାହା

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଯେମିତିକା ଭୂମିକାଟିଏ ସେ ଖୋଜୁଥିଲେ ତାହା ତାଙ୍କୁ କେମିତି ମିଳି ଯାଇଛି। ଇଏ ତ ତାଙ୍କ ଖୁସିର ଗୋଟିଏ କାରଣ। ଅନ୍ୟଟି ହେଲା, ସେ ସାଇନ୍ କରିଥିବା ଏହି ଫିଲ୍ମରେ ତାଙ୍କର ମନ ପସନ୍ଦର ଦୁଇଜଣ ନାୟକ– ହ୍ରିତିକ ରୋଶନ ଏବଂ ଟାଇଗର ଶ୍ରଫ ଅଭିନୟ କରିବାକୁ ଯାଉଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ୱାର୍'। ଆଉ ସେ ନାୟିକା ଜଣକ ହେଲେ ବାଣୀ କପୁର। ଖାସ୍ କଥା ହେଲା, ଏଥିରେ ସଂଯୋଜିତ ଏକ ଗୀତ 'ଘୁଙ୍ଗୁର'କୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ଦିନ ରାତିକୁ ଏକାଠି କରିଦେଇଛନ୍ତି ବାଣୀ। କାରଣ ନାଚରେ ଉଭୟ ହ୍ରିତିକ ଏବଂ ଟାଇଗର କେହି କାହାକୁ କମ୍ ନୁହନ୍ତି। ତେଣୁ ଦୁହିଁଙ୍କ ସହ ତାଳ ମିଳାଇ ନାଚିବାକୁ ପଡିବ। 'କେବଳ ଆକ୍ଟିଂ ପାଇଁ ନୁହେଁ ଏହି ଫିଲ୍ମରେ ମୁଁ ଡ୍ୟାନ୍ସକୁ ସମାନ ଗୁରୁତ୍ୱ ଦେଉଛି। କାରଣ 'ୱାର୍'ର ଗୀତଗୁଡିକ ବେଶ୍ ଶ୍ରୁତିମଧୁର ହୋଇଛି। ମୋ ଭୂମିକାଟି କିପରି ସବୁ ଦିଗରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି ବୋଲି କହିଛନ୍ତି ସେ।' ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ସିଦ୍ଧାର୍ଥ ଆନନ୍ଦ।


ସୁଶାନ୍ତ

# ବର ସାଜିବାକୁ ତରତର


ସୁଶାନ୍ତ ସିଂ ରାଜପୁତ ଏବେ କେମିତି ଘର ସଂସାର କରିବେ ସେ ନେଇ କେତେ ଉତ୍ସୁକ ତାହା ତାଙ୍କ କଥାବାର୍ତ୍ତାରୁ ଜଣାପଡିଯାଉଛି। ଦେଖୁନାହାନ୍ତି ସେ ଏବେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କାରଣ କ'ଣ ଜାଣନ୍ତି ? ଏବେ ତାଙ୍କର ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ସହ ଫୁଲ୍ ଦମ୍‌ରେ ଇଲୁ ଇଲୁ ଚାଲିଛି। ଅବଶ୍ୟ ଏହି କଥାକୁ ସେ ପରୋକ୍ଷରେ ସ୍ୱୀକାର କରିଛନ୍ତି। ସେପଟେ ହାତକୁ ଦି' ହାତ ହେବାକୁ ସେ ପ୍ଲାନିଂ କରିସାରିଲେଣି ବୋଲି ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ସୁଶାନ୍ତ କହନ୍ତି, 'ବାହା ତ ନିଶ୍ଚୟ ହେବି। ସେହି ଶୁଭ ସମୟ ପ୍ରାୟ ଆସିଗଲାଣି। ହେଲେ ମୁଁ କେବେ ମ୍ୟାରେଜ କରିବି ତାହା ସ୍ଥିର କରିନାହିଁ। ଡେଟ୍ ଫିକ୍ସ ହେଲେ ସମସ୍ତେ ବଳେ ଜାଣିପାରିବେ।' ଦେଖାଯାଉ, ସୁଶାନ୍ତ କେବେ ହାତକୁ ଦି' ହାତ ହେଉଛନ୍ତି।

# ଚିନ୍ତାରେ ତାପସୀ

ତାପସୀ ପାନ୍ନୁଙ୍କର ଚିନ୍ତା ଟିକେ ବଢ଼ି ଯାଇଛି। କାରଣ 'ମୁଲ୍‌କ' ପରେ ଅନୁଭବ ସିହ୍ନାଙ୍କ ଫିଲ୍ମରେ ସେ ପୁଣି ଥରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ଥାପ୍ପଡ'। ଏହି ଅଫର ପାଇବା ପରେ ତାପସୀ ଏତେ ଖୁସି ଯେ ନିର୍ଦ୍ଦେଶକ ଅନୁଭବଙ୍କ ସହ ନିଜ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରି ତାଙ୍କୁ ଧନ୍ୟବାଦ ଦେବାକୁ ଭୁଲି ନାହାନ୍ତି। ଏ ନେଇ ତାପସୀ କୁହନ୍ତି, 'ମୁଁ କେବେ ବିଶ୍ୱାସ କରିପାରୁନି ଯେ, 'ମୁଲ୍‌କ' ପରେ ଅନୁଭବ ତାଙ୍କର ପରବର୍ତ୍ତୀ ସିନେମାରେ ମୋତେ ନେବେ। ମୋ ଉପରେ ସେ ଯେଉଁ ବିଶ୍ୱାସ ରଖିଛନ୍ତି ତାହା ନିଶ୍ଚୟ ପୂରଣ କରିବି।' ଅନ୍ୟପକ୍ଷରେ ଅନୁଭବଙ୍କର ଶୁଭ ସଂଖ୍ୟା ହେଲା ୧୧ ଏବଂ ଏହି ନମ୍ବରରେ ସଫଳତା ମିଳିବାର ଆଶା ଅଧିକ ଥାଏ ବୋଲି ସେ ବିଶ୍ୱାସ କରନ୍ତି। 'ଥପ୍ପଡ' ହେଉଛି ତାଙ୍କର ୧୧ତମ ଚଳଚ୍ଚିତ୍ର, ତେଣୁ ଏହି ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜ୍‌ନେସ କରିବ ବୋଲି ସେ ଆଶା ରଖିଛନ୍ତି।


ତାପ୍ସୀ

ପ୍ରଥମ ରୋଜଗାର



ଶିକ୍ଷାବିତ୍ ତଥା ସାମାଜିକ କର୍ମୀ **ସ୍ୱାଧୀନ ଶେଖର ଷଡ଼ଙ୍ଗୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଛାତ୍ରୀଛାତ୍ରଙ୍କ ବହିକିଣାରେ ପ୍ରଥମ ଦରମା ଟଙ୍କା ଖର୍ଚ୍ଚ ହୋଇଥିଲା

କଟକ ସଦର ୪୨ ମୌଜା ଅନ୍ତର୍ଗତ ଏରଞ୍ଚ ଗାଁରେ ମୋ ଜନ୍ମ। ବେଣ୍ଟକାର ଉଚ୍ଚବିଦ୍ୟାଳୟରୁ ୧୯୭୬ରେ ଏକାଦଶ ପାସ୍ କରିବା ପରେ ଜେକେବିକେ କଲେଜରେ ଆଇ.ଏ. ଓ ରେଭେନ୍ସାରେ ବି.ଏ. ପଢିଥିଲି। ବି.ଏ. ପଢିବା ସମୟରେ ମୁଁ ଏନ୍ଏସ୍ଏସ୍ (ଜାତୀୟ ସେବା ସଂସ୍ଥା)ର ଜଣେ ଭଲ୍ୟୁଣ୍ଟିୟର୍ ଥିଲି। ତା'ପରେ ବାଣୀବିହାରରେ ରାଜନୀତି ବିଜ୍ଞାନରେ ପି.ଜି. କଲି। ଅଧ୍ୟାପନା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଇଚ୍ଛା ଥିବାରୁ ପି.ଜି. ପଢା ପରେ ମଧୁସୂଦନ ଲ' କଲେଜରେ ଏଲ୍ଏଲ୍ବି କରିବା ସହିତ ୪୨ ମୌଜା ନିକଟରେ ନୂଆ କରି ଖୋଲିଥିବା ସୁଦର୍ଶନ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲି। ଏହା ହେଉଛି ୧୯୮୪ ମସିହାର କଥା। ସେତେବେଳେ ଏହି କଲେଜଟି ମ୍ୟାନେଜ୍ମେଣ୍ଟ ଦ୍ୱାରା ପରିଚାଳିତ ହେଉଥିଲା। ତା'ଛଡ଼ା ନୂଆ କରି ଖୋଲିଥିବାରୁ ଦରମା ବି ମିଳୁ ନ ଥିଲା। ପ୍ରାୟ ୪/୫ ବର୍ଷ ବିନା ପାରିଶ୍ରମିକରେ ଅଧ୍ୟାପନା କରିବା ପରେ ମ୍ୟାନେଜ୍ମେଣ୍ଟ ତରଫରୁ ମୋତେ ପ୍ରଥମ କରି ହଜାରେ ଟଙ୍କା ଦରମା ମିଳିଲା। ବାପାମା'ଙ୍କର ୫ଟି ସନ୍ତାନ ମଧ୍ୟରୁ ମୁଁ ଥିଲି ୨ୟ ସନ୍ତାନ। ତା'ଛଡ଼ା ବାପା ଫରେଷ୍ଟ ଡିପାର୍ଟମେଣ୍ଟରେ ଚାକିରି କରୁଥିଲେ। ତେଣୁ ଘରେ ମୋ ଦରମାର କୌଣସି ଆବଶ୍ୟକତା ନ ଥିଲା। ସେଥିପାଇଁ ମୁଁ ମୋ ଦରମା ଟଙ୍କାକୁ ଗରିବ ଛାତ୍ରୀଛାତ୍ରଙ୍କ ବହିକିଣାରେ ଖର୍ଚ୍ଚ କରିଥିଲି। ଏହି ଧାରା ମୋର ସେହି ଗୋଟିଏ ମାସ ଦରମାରେ ସୀମିତ ରହିଲାନି, ପ୍ରାୟ ସବୁବେଳେ ଚାଲିଲା। କହିବାକୁ ଗଲେ ଟଙ୍କା ପଇସା ପ୍ରତି ମୋର ଦୁର୍ବଳତା କେବେ ନ ଥିଲା କି ଏବେ ବି ନାହିଁ। ଯେତେବେଳେ କୌଣସି ଗରିବ ପିଲାଟିକୁ ବହିଖାତା କିଣି ନ ପାରିବା କିମ୍ବା ପରୀକ୍ଷା ଫି'ନ ଦେଇ ପାରିବାର ଦେଖେ, ସେତେବେଳେ ମୁଁ ମୋ ସାଧ ମତେ ତାକୁ ସାହାଯ୍ୟ କରିବାକୁ ଚେଷ୍ଟା କରେ। ସେହିପରି କେଉଁ ଛାତ୍ରୀଛାତ୍ରଙ୍କର ଚପଲ ନ ଥିଲେ ନୂଆ ଚପଲ କିଣିଦିଏ, ପାଠ ଠିକ୍‌ରେ ବୁଝି ପାରୁ ନ ଥିଲେ ପିଲାଙ୍କୁ ଏକ୍ସଟ୍ରା କ୍ଲାସ୍ କରି ସେମାନଙ୍କୁ ସହଜ ଭାବେ ବୁଝାଇବାକୁ ଚେଷ୍ଟା କରେ। ଅନ୍ୟପକ୍ଷେ ଗରିବ ମେଧାବୀ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ଶିକ୍ଷାଦାନ କରି ସମାଜରେ ପ୍ରତିଷ୍ଠା କରାଇବାକୁ ମୁଁ ପ୍ରାଣପଣେ ଚେଷ୍ଟା କରିଥାଏ। ଏହିପରି ଭାବେ ଅଧ୍ୟାପନା କରିବା ସଙ୍ଗେସଙ୍ଗେ ୧୯୮୬ରେ ଏନ୍ଏସ୍ଏସ୍‌ର ପ୍ରୋଗ୍ରାମ୍ ଅଫିସର୍ ଭାବେ ଦାୟିତ୍ୱ ତୁଲାଇବା ଆରମ୍ଭ କଲି। ଯଦ୍ୱାରା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନ ବିଶେଷ କରି ଗ୍ରାମାଞ୍ଚଳଗୁଡ଼ିକରେ ରକ୍ତଦାନ ଶିବିରର ଆୟୋଜନ କରିବା, ଗରିବ ଲୋକଙ୍କ ପାଇଁ ଅସମୟରେ ରକ୍ତ ଯୋଗାଇବା, ମେଡିକାଲ୍ ନେବା, ରୋଟାରୀ ଓ ଲାୟନ୍ସ କ୍ଲବର ସହବନ୍ଧିତାରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରି ମାଗଣାରେ ଚିକିତ୍ସା ଯୋଗାଇବା, ମେଡିକାଲ୍ କ୍ୟାମ୍ପ ଆୟୋଜନ କରିବା, ବୃକ୍ଷରୋପଣ ପ୍ରତି ସଚେତନତା ସୃଷ୍ଟି କରିବା, ଖରାଦିନେ ଜଳଛତ୍ର ଖୋଲି ପାଣି ବଣ୍ଟନ କରିବା ଇତ୍ୟାଦି କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲି। ଅଧ୍ୟାପନା ସହିତ ସମାଜସେବା ହେଉଥିବାରୁ ମୋତେ ଖୁବ୍ ଆତ୍ମଶାନ୍ତି ମିଳୁଥିଲା। ୧୯୯୬ରେ ସୁଦର୍ଶନ କଲେଜକୁ ସରକାରୀ ମାନ୍ୟତା ମିଳିଲା ଆଉ ୧୯୯୭ରେ ମୋ ବାହାଘର ହେଲା। ୟା' ଭିତରେ ଅନେକ ବର୍ଷ ବିତିଗଲାଣି। ମୁଁ ଚାକିରିରୁ ଅବସର ମଧ୍ୟ ନେଇସାରିଲିଣି। ହେଲେ ମୋର ଶିକ୍ଷାଦାନ ଆଉ ସମାଜସେବା ସେମିତି ଚାଲିଛି। ମଝିରେ ମଝିରେ ସୁଦର୍ଶନ କଲେଜକୁ ଅତିଥି ଅଧ୍ୟାପକ ଭାବେ ଆମନ୍ତ୍ରିତ ହୋଇ ଛାତ୍ରୀଛାତ୍ରଙ୍କର ଚରିତ୍ର ଗଠନ ପ୍ରତି ଧ୍ୟାନ ଦେଉଛି। ତା'ଛଡ଼ା ଓଡ଼ିଶା ରେଡକ୍ରସ୍ ସୋସାଇଟିର ମୁଁ ଜଣେ ଆଜୀବନ ସଦସ୍ୟ। ସେହିପରି ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ସଂଘର ସଭାପତି, ଲାୟନ୍ସ କ୍ଲବ କଟକ ବାରବାଟିର ସମ୍ପାଦକ ଓ ସଭାପତି, କଟକ ସଦର ଉଠାଜଳସେଚନ ପାଣିପଞ୍ଚାୟତ ମହାସଂଘର ସଭାପତି, କଟକ ୪୨ ମୌଜା ବିକାଶ ପରିଷଦର ସମ୍ପାଦକ ଦାୟିତ୍ୱ ମୁଁ ତୁଲାଇଛି। ଆଉ ଏବେ କଟକ ୪୨ ମୌଜା ବିକାଶ ପରିଷଦର ଉପଦେଷ୍ଟା ଏବଂ ଏରଞ୍ଚ ମା'ଦକ୍ଷିଣେଶ୍ୱରୀ ପାଣିପଞ୍ଚାୟତର ସଭାପତି ଭାବେ ମୁଁ ନିଜର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରୁଛି। ଏ ନେଇ ମୋତେ ଅନେକ ସମ୍ମାନଜନକ ପୁରସ୍କାର ମଧ୍ୟ ମିଳିଛି। ବିଶେଷକରି ୨୦୧୫ରୁ ୨୦୧୮ ମସିହା ଭିତରେ ପୁନର୍ବାର ଏନ୍ଏସ୍ଏସ୍‌ର ପ୍ରୋଗ୍ରାମ୍ ଅଫିସର୍ ଭାବେ ଅବସ୍ଥାପିତ ହୋଇ ପୋଷ୍ୟଗ୍ରାମ ଡିହସାହି, ବହଳପଡା, ୪୨ ମୌଜାଠାରେ ୭ ଦିନିଆ ୨ଟି ସ୍ୱତନ୍ତ୍ର ଶିବିର ଆୟୋଜନ କରି ଉକ୍ତ ସାହିର ସାମଗ୍ରିକ ବିକାଶ ପାଇଁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସଫଳତା ହାସଲ କରିଥିବାରୁ ନିକଟରେ ମୋତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଭୁବନେଶ୍ୱରର ୩୭ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶ୍ରେଷ୍ଠ ପ୍ରୋଗ୍ରାମ୍ ଅଫିସର୍ ଭାବେ ପୁରସ୍କୃତ କରାଯାଇଛି। ଏସବୁ ବ୍ୟତୀତ ଆବଶ୍ୟକ ଅନୁଯାୟୀ ୟା' ଭିତରେ ୧୨୬ ଜଣଙ୍କର ଶବସଂସ୍କାର କରିବାରେ ମୁଁ ସାହାଯ୍ୟ ସହଯୋଗ କରିଆସିଛି।

*-ଅନ୍ୱିତା*

# ଘଡ଼ିଏ ଛାଇ ଘଡ଼ିଏ ଖରା, ଉଡ଼ା ପ୍ରେମିକା ନ ଦିଏ ଧରା

**ପ୍ରଶ୍ନ**–ଆଜିକାଲି କେତେକ ଝିଅ କେତେବେଳେ କାହା ମନରେ ବସା ବାନ୍ଧୁଛନ୍ତି ତାହା ଆକଳନ କରିବା କଷ୍ଟକର। ଏପରି ପ୍ରେମ ଅସ୍ଥାୟୀ ଜାଣି ମଧ୍ୟ ସେମାନେ ନିରୀହ ପୁଅମାନଙ୍କୁ ସେମାନଙ୍କ ପ୍ରେମ ଜାଲରେ ଫସାଇ ଥାଆନ୍ତି କାହିଁକି ?

*–ଦେବେନ୍ଦ୍ର ଗୋଚ୍ଛାୟତ, ଜଗତ୍‌ସିଂହପୁର*

**ଉତ୍ତର** :ଉଡ଼ା ପ୍ରେମିକାକୁ ଭରସା କରିବା କେତେଦୂର ଠିକ୍ ତାହା ନିଜେ ଚିନ୍ତା କରିବା ଦରକାର। ସେମାନଙ୍କ ହାବଭାବରୁ ପ୍ରେମ କେତେ ଷ୍ଟ୍ରଙ୍ଗ ତାହା ଜଣାପଡିଥାଏ। 'ଘଡ଼ିଏ ଛାଇ ଘଡ଼ିଏ ଖରା, ଉଡ଼ା ପ୍ରେମିକା ନ ଦିଏ ଧରା।' ତେଣୁ ସେଭଳି ପ୍ରେମିକାଙ୍କ ପ୍ରେମ ଜାଲରେ ବାନ୍ଧି ହେବା ପୂର୍ବରୁ ହଜାରେ ଥର ଚିନ୍ତା କରିବା ଦରକାର। କାରଣ ପ୍ରେମ ଏପରି ଏକ ନିଶା ଯାହା ଥରେ ଘାରିଲେ ତାହା ସାଧାରଣ ମନକୁ ଏପରି ଆନମନା କରିଦିଏ ଯେ ମନ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇପାରେ ନାହିଁ। ତେଣୁ ଏଭଳି ପ୍ରେମିକାଙ୍କୁ ବେଳହୁଁ ସାବଧାନ !

**ପ୍ରଶ୍ନ**–ଜଣେ ଝିଅକୁ ପ୍ରେମ କରିବାକୁ ଫାଇନାଲ କରିଛି। ହେଲେ ତାକୁ କେମିତି ପ୍ରପୋଜ କରିବି ତାହା ଭାବିଲା ବେଳକୁ ଡର ମାଡୁଛି। କ'ଣ କରିବି ?

*–ସନ୍ତୋଷ କୁମାର ସାହୁ, ଅନୁଗୋଳ*

**ଉତ୍ତର** : ପ୍ରଥମେ ମନ ଭିତରେ ଯେଉଁ ଭୟର ଭାଇରସ ଆପଣଙ୍କୁ ପଛକୁ ପାଦ ପକାଇବାକୁ ବାଧ୍ୟ କରୁଛି ତାକୁ ଆଗେ ଦୂରେଇ ଦିଅନ୍ତୁ। ମନରେ ଯଦି ସାହସ ଜୁଟାଇ ପାରିବେ ନାହିଁ ତେବେ ପ୍ରେମ ରାସ୍ତାରେ ପାଦ ଆଗକୁ କ'ଣ ସବୁବେଳେ ପଛକୁ ପଡିବ। ତେଣୁ ମନରେ ଦମ୍ଭ ଆଣି ସେହି ସୁନ୍ଦରୀ ସାମନାକୁ ଯାଆନ୍ତୁ। ଖୋଲା ମନରେ ବେଳକାଳ ଦେଖି ତାକୁ ପ୍ରପୋଜ କରନ୍ତୁ। ଯଦି ତୀର ଠିକ୍ ଜାଗାରେ ବାଜିଗଲା, ତେବେ ଜାଣିନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଗଲା। ହେଲେ ଏହି ସମୟରେ ଆଦୌ ତରତର ହୁଅନ୍ତୁ ନାହିଁ।

**ପ୍ରଶ୍ନ**–ମୋ ପ୍ରେମିକା ସବୁବେଳେ ଉଦାସ ରହୁଛି। ତା' ମୁହଁରେ କେତେବେଳେ ମୁଁ ହସ ଦେଖିବାକୁ ପାଉନି। ସେ କେମିତି ହସିବ ବତାଇବେ କି ସାଥୀ ?


*–ଅନୁପ ରାଉତ, କେନ୍ଦ୍ରାପଡ଼ା*

**ଉତ୍ତର** : ଇଏ ବଡ଼ ଜଟିଳ ସମସ୍ୟା। ଝିଅଟି ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଛି, ହେଲେ ସବୁବେଳେ ଉଦାସ ରହୁଛି। ଆଦୌ ହସୁନାହିଁ। ଆପଣଙ୍କର ପ୍ରଥମ କାମ ହେଲା ଏହାର କାରଣ ଯେମିତି ହେଲେ ଖୋଜି ବାହାର କରନ୍ତୁ। ନ ହେଲେ ପ୍ରେମିକାର ଉଦାସିଆ ଶୁଖିଲା ମୁହଁ ଦେଖି ଆପଣଙ୍କ ପ୍ରେମର ଜୋସ୍ କମିଯିବ। ତେଣୁ କ'ଣ ପାଇଁ ସେ ସବୁବେଳେ ଉଦାସ ରହୁଛନ୍ତି ତାହାର ପ୍ରଥମେ ସମାଧାନ କରନ୍ତୁ। ହେଲେ ଏହାକୁ ହଟ୍ ମାଇଣ୍ଡ ନୁହେଁ, ଥଣ୍ଡା ମିଜାଜ୍‌ରେ ତୁଟାଇବାକୁ ଚେଷ୍ଟା କରନ୍ତୁ।

**ପ୍ରଶ୍ନ**–ମୁଁ ଯାହାକୁ ଭଲ ପାଉଛି ତା' ସାନ ଭଉଣୀ ଏବେ ମୋତେ ଲାଇନ୍ ମାରିବା ଆରମ୍ଭ କରିଛି। କ'ଣ କରିବି ଜାଣିପାରୁନାହିଁ।

*–ବିକାଶ ପୁହାଣ, ରାଉରକେଲା*

**ଉତ୍ତର** :ଆପଣଙ୍କ ପ୍ରେମ ପାଇଁ ଇଏ ଏକ ଏସିଡ୍ ଟେଷ୍ଟ। କାହାକୁ ଭଲ ପାଇବେ, କାହାକୁ ମନା କରିବେ ଏଭଳି ଏକ ଗୋଲକ ଧନ୍ଦାରେ ଫସି ଯାଇଛନ୍ତି। ଯାହା ହେଲେ ଗୋଟିଏ ଚାନେଲକୁ ଆପଣଙ୍କୁ ସବୁଦିନ ପାଇଁ ଗୁଡବାୟ କରିବାକୁ ପଡିବ। ନ ହେଲେ ପ୍ରେମ ନଈରେ ଭାସୁଥିବା ଦୁଇଟି ନାବରେ ଗୋଡ ରଖି ଆପଣ କୁଆଡେ ଯିବେ ଜାଣିପାରିବେ ନାହିଁ। ତେଣୁ ବେଳହୁଁ ସାବଧାନ !



# ଭିନ୍ନ ଏହି କ୍ୟାମ୍ପିଙ୍ଗ୍ ସାମଗ୍ରୀ

ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି କିଛି ରୋମାଞ୍ଚକର ଅନୁଭୂତି ପାଇବା ପାଇଁ କେତେ ଲୋକ କ୍ୟାମ୍ପିଙ୍ଗ୍‌ରେ ଯିବାକୁ ପସନ୍ଦ କରିଥାନ୍ତି। ତେବେ ଏହି କ୍ୟାମ୍ପିଙ୍ଗ୍‌କୁ ଯିବା ପୂର୍ବରୁ ଆବଶ୍ୟକ ତଥା ସୁରକ୍ଷା ଦୃଷ୍ଟିରୁ କିଛି ଖାସ୍ ସାମଗ୍ରୀକୁ ସାଙ୍ଗରେ ନେଇକି ଯିବାକୁ ହୋଇଥାଏ। ହେଲେ ଏବେ କିଛି ଭିନ୍ନ ଶୈଳୀର କ୍ୟାମ୍ପିଙ୍ଗ୍ ସାମଗ୍ରୀ ମାର୍କେଟ୍‌ରେ ମିଳିଲାଣି, ଯାହାକୁ ନେଇକି ଗଲେ ଟିକେ ଅଲଗା ଅନୁଭୂତି ମିଳିପାରିବ...






**ଫ୍ଲୋଟିଂ ଟେଣ୍ଟ:** ସାଧାରଣତଃ କ୍ୟାମ୍ପିଙ୍ଗ୍‌ରେ ଗଲାବେଳେ ଟେଣ୍ଟରେ ରହିବାର ସୁଯୋଗ ମିଳିଥାଏ, ଯାହା ଖୁବ୍ ନିଆରା ଲାଗେ। ହେଲେ ତା'ଠୁ ବି ଆହୁରି ନିଆରା ଅନୁଭୂତି ମିଳେ ଫ୍ଲୋଟିଂ ଟେଣ୍ଟରେ କିଛି ସମୟ ବିତାଇଲେ। କାରଣ ଏହି ଟେଣ୍ଟ ପାଣି ଉପରେ ଭାସମାନ ଅବସ୍ଥାରେ ରହିଥାଏ, ଯାହା ମଧ୍ୟରେ ପର୍ଯ୍ୟଟକ ବସି ପାରିବେ ଏବଂ ଶୋଇବାର ମଜା ମଧ୍ୟ ନେଇପାରିବେ। ପୂର୍ବେ ଫ୍ଲୋଟିଂ ଟେଣ୍ଟର ବ୍ୟବହାର ବିଦେଶରେ ବେଶି ହେଉଥିଲା, ହେଲେ ଏବେ ଭାରତର ବିଭିନ୍ନ ସ୍ଥାନରେ ବି ଲୋକେ ଫ୍ଲୋଟିଂ ଟେଣ୍ଟରେ ବସି ବୁଲିବାର ମଜା ନେଲେଣି।

**ଫୋଲ୍ଡିଂ କାନୋପି ଚେୟାର୍:** ଏହି ଚେୟାର୍‌ର ଚତୁଃପାର୍ଶ୍ୱରେ ଏକ ଟ୍ରାନ୍ସପରେଣ୍ଟ ସ୍କ୍ରିନ୍ ଘୋଡାଇ ହୋଇ ରହିଥାଏ। ଏପରିକି ଚେୟାର୍‌ର ଉପରି ଭାଗ ବି କଭର୍ ହୋଇକି ଥାଏ। ଯଦ୍ୱାରା ଖରା ହେଉ କିମ୍ବା ବର୍ଷା ସମୟରେ ମଧ୍ୟ ଏହି ଚେୟାର୍‌କୁ ବାହାରେ ପକାଇ ତା'ଉପରେ ଆରାମରେ ବସିହୁଏ। ତା'ଛଡ଼ା ଏଥିରେ ଲାଗିଥିବା ସ୍କ୍ରିନ୍ ଯୋଗୁ ଏହାକୁ ଗଛଲତା ଥିବା ସ୍ଥାନରେ ପକାଇ ବସିଲେ ପୋକଜୋକ ପ୍ରତି ଡର ବି ନଥାଏ। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଚେୟାର୍‌କୁ ଫୋଲ୍ଡ କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆରାମରେ ନେଇହୁଏ।

**ପୋର୍ଟେବଲ୍ ଫ୍ରିଜର୍:** ଏହି ଫ୍ରିଜର୍‌ରେ ସ୍ୱତନ୍ତ୍ର ଟେମ୍ପରେଚର୍ ଗଜ୍, ଓ୍ୱେଦର୍ ରେଜିଷ୍ଟାଣ୍ଟ କ୍ୟାବିନେଟ୍, ଏଲ୍‌ଇଡି ଇଣ୍ଡିକେଟର୍ ଓ ସଫ୍ଟ ଟଚ୍ ଅପରେଟିଙ୍ଗ୍ ପାନେଲ୍ ରହିଥିବାରୁ ଏହା ବେଶ୍ କିଛିଦିନ ଧରି ପାଣିକୁ ଥଣ୍ଡା ଓ ଖାଦ୍ୟ ପଦାର୍ଥକୁ ସତେଜ ରଖିଥାଏ। ତା'ଛଡ଼ା ଏହାର ସାଇଜ୍ ଛୋଟ ହୋଇଥିବାରୁ ଏହାକୁ ଆରାମରେ ହାତରେ ଧରି ଯାଇହୁଏ। ଫଳରେ କ୍ୟାମ୍ପିଙ୍ଗ୍‌ରେ ଗଲାବେଳେ ଏହାକୁ ନେବା ସହଜ ହୋଇଥାଏ।

**ପୋର୍ଟେବଲ୍ ଏସ୍‌ପ୍ରେସୋ ମେକର୍:** କଫି ଲଭର୍‌ଙ୍କ ପାଇଁ ଖୁସି ଖବର। କାରଣ ଏବେ ମାର୍କେଟ୍‌କୁ ଆସିଗଲାଣି ଏସ୍‌ପ୍ରେସୋ ବା ନାନୋପ୍ରେସୋ କଫି ମେକର୍। ଏହି କଫି ମେକର୍‌କୁ ଚଲେଇବା ପାଇଁ ନା ବ୍ୟାଟେରିର ବ୍ୟବହାର ହୁଏ ନା ଇଲେକ୍ଟ୍ରିସିଟିର ଦରକାର ପଡ଼େ। କେବଳ ଗରମ ପାଣି କିମ୍ବା ଗରମ କ୍ଷୀର ଓ କଫି ପାଉଡର୍‌କୁ ଏହି ମେକର୍‌ରେ ପକାଇ କିଛି ସମୟ ପ୍ରେସ୍ କଲେ ଏଥିରୁ କଫି ପ୍ରସ୍ତୁତ ହୋଇ ବାହାରିଥାଏ। ତେଣୁ କ୍ୟାମ୍ପିଙ୍ଗ୍ ପାଇଁ ଏହା ଏକ ବେଷ୍ଟ ଅପ୍‌ଶନ ହୋଇପାରେ।

**ଇନ୍‌ଫ୍ଲାଟେବଲ୍ ଟ୍ରାନ୍ସପରେଣ୍ଟ ବବଲ୍ ଟେଣ୍ଟ:** ଏହି ଟେଣ୍ଟଟି ଫୋଲ୍ଡ ହୋଇକି ରହିଥାଏ। ବେଲୁନ୍‌ରେ ଯେମିତି ପବନ ପୂରାଯାଏ, ଠିକ୍ ସେମିତି ଏହି ଟେଣ୍ଟକୁ ବି ପବନ ଦ୍ୱାରା ଫୁଲା ଯାଇଥାଏ। ତା'ଛଡ଼ା ଏହା ଟ୍ରାନ୍ସପରେଣ୍ଟ ହୋଇଥିବାରୁ ଏହା ଭିତରୁ ବାହାର ଦୁନିଆକୁ ଆରାମରେ ଦେଖିହୁଏ। ସେହିପରି ଏହି ଟେଣ୍ଟରେ ସ୍ୱତନ୍ତ୍ର ସାଇଲେଣ୍ଟ ଏୟାର୍-ବ୍ଲୋଇଂ ଏବଂ ଫିଲ୍ଟରେଶନ୍ ସିଷ୍ଟମ୍ ଥିବାରୁ ଏହାକୁ ଯେକୌଣସି ସ୍ଥାନରେ ଆଉ ଜଳବାୟୁରେ ବ୍ୟବହାର କରିହୁଏ।

**ଇନ୍‌ଫ୍ଲାଟେବଲ୍ ପୋର୍ଟେବଲ୍ ଟବ୍:** ଏହି ଟବ୍‌କୁ ବି ପବନ ଦ୍ୱାରା ଫୁଲାଇ ତିଆରି କରାଯାଇଥାଏ। ଯେହେତୁ କ୍ୟାମ୍ପିଙ୍ଗ୍‌ରେ ବାହାରକୁ ଯିବାକୁ ହୋଇଥାଏ, ଖୋଲାରେ ଗାଧୋଇବାରେ ଯେପରି ଅସୁବିଧା ନ ହୁଏ, ସେଥିପାଇଁ ଏହି ଟବ୍‌କୁ ସାଙ୍ଗରେ ନେଇକି ଯିବା ନିହାତି ଜରୁରୀ। ତା'ଛଡ଼ା ଏହି ଟବ୍‌କୁ ଫୋଲ୍ଡ କରି ହେଉଥିବାରୁ ଏହାକୁ ନେବାରେ କିଛି ଅସୁବିଧା ହୁଏ ନାହିଁ।



**ଇଲେକ୍ଟ୍ରିକ୍ ହିଟେଡ୍ ସକ୍ସ ରିଚାର୍ଜେବଲ୍ ବ୍ୟାଟେରି:** ଏହି ସକ୍ସକୁ ପିନ୍ଧିବାରେ ଅନେକ ଫାଇଦା ରହିଥାଏ। କାରଣ ଏଥିରେ ଏପରି ଏକ ସ୍ୱତନ୍ତ୍ର ଧରଣର ମ୍ୟାଟେରିଆଲ୍ ରହିଛି, ଯାହା ଆପେ ଆପେ ପାଦକୁ ଉଷୁମ ଦେଇଥାଏ। ତା'ଛଡ଼ା ପାଦତଳ ଝାଳୁଆ ହେବାରୁ ମଧ୍ୟ ଏହା ରକ୍ଷା କରିଥାଏ। ଯଦ୍ୱାରା ଅଧିକ ସମୟ ଚଲାବୁଲା କରିବାରେ କଷ୍ଟ ଅନୁଭବ ହୁଏନାହିଁ।





**ମସାଜର୍ ବ୍ୟାକ୍‌ପ୍ୟାକ୍:** ଏହି ବ୍ୟାକ୍‌ପ୍ୟାକ୍‌ରେ ଜିନିଷପତ୍ର ନେବା ପାଇଁ ଭଲ ସ୍ପେଶ୍ ରହିବା ସହିତ ଆଣ୍ଟି ସ୍କ୍ରାଚ୍ ମ୍ୟାଟେରିଆଲ୍‌ର ବ୍ୟବହାର କରାଯାଇଛି। ତା'ଛଡ଼ା ଏହାର ଓ୍ୱାଟର୍-ରେଜିଷ୍ଟାଣ୍ଟ କ୍ଷମତା ମଧ୍ୟ ରହିଛି। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବ୍ୟାକ୍‌ପ୍ୟାକ୍‌ର ଯେଉଁ ଅଂଶ ପିଠି ସଂସ୍ପର୍ଶରେ ଆସେ, ସେହି ସ୍ଥାନରେ ଏମିତି କିଛି ମ୍ୟାଟେରିଆଲ୍ ଲଗାଯାଇଛି, ଯଦ୍ୱାରା ଏହାକୁ ପିଠିରେ ପକାଇ ଗଲାବେଳେ ଏହା ପିଠିରେ ଘସିହୋଇ ତାକୁ ମସାଜ୍ କରିବାର କାମ ଆପେ ଆପେ କରିଥାଏ। ଫଳରେ ପିଠିକୁ ଆରାମ ଲାଗେ ଆଉ ଥକ୍କା ଜଣାପଡ଼େନି। କ୍ୟାମ୍ପିଙ୍ଗ୍ ପାଇଁ ଏହା ମଧ୍ୟ ଏକ ଭଲ ଅପଶନ୍।







ପ୍ରେରଣା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମିଟୁ ଫ୍ୟାଶନ ଫଟୋଗ୍ରାଫି

## ହାଃ ହାଃ

### ସାପ

ଶିକ୍ଷକ–ସବୁଠୁ ଲମ୍ବା ସାପ କେଉଁଠି ଦେଖିବାକୁ ମିଳେ।
ଚୁନୁ–ଲୁଡୁର ୯୯ ତମ ସ୍ଥାନରେ।

### ଅର୍ଡର

ଜଣେ ମଦୁଆର କୋର୍ଟରେ କେସ୍ ଚାଲିଥାଏ।
ଜଜ୍– ଅର୍ଡର ଅର୍ଡର.
ମଦୁଆ– ଚିଲି ଚିକେନ୍, ମଟନ୍ ବିରିୟାନୀ ଆଉ ଗୋଟେ ବୋତଲ ସେଇଟା ବି ଆଣିବ।

### ନିଦ

ଡାକ୍ତରଙ୍କୁ ମହିଳା– ଆଜ୍ଞା, ମୋ ସ୍ୱାମୀ ରାତିରେ ଶୋଇକି ନିଦରେ କଥା ହୁଅନ୍ତି। ମୁଁ କ'ଣ କରିବି ?
ଡାକ୍ତର– ତାଙ୍କୁ ଦିନରେ କଥା କହିବାକୁ ସୁଯୋଗ ଦିଅନ୍ତୁ, ସବୁ ଠିକ୍ ହୋଇଯିବ।

ଧାର୍ମିକ ପର୍ଯ୍ୟଟନସ୍ଥଳୀ

# ଅମ୍ବାସମୁଦ୍ରମ୍









ତାମିଲନାଡୁର ତିରୁନେଲଭେଲି ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ଛୋଟ ସହର ହେଉଛି ଅମ୍ବାସମୁଦ୍ରମ୍। ଏହି ସହର ପଶ୍ଚିମୀଘାଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ ଏବଂ ତମୀରାବାରାନୀ ନାମକ ଏକ ନଦୀ ଏଠାରେ ପ୍ରବାହିତ। ଉକ୍ତ ନଦୀର ଗୋଟିଏ ପାର୍ଶ୍ୱରେ ଅମ୍ବାସମୁଦ୍ରମ୍ ଥିବାବେଳେ ଅନ୍ୟ ପାର୍ଶ୍ୱରେ ରହିଛି ଏହାର ପଡୋଶୀ ସହର କଲ୍ଲିଦାଇକୁରିଚି। ଖାସ୍ ସେଥିପାଇଁ ଅମ୍ବାସମୁଦ୍ରମ୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଷସାରା ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।

### କେବେ ଓ କେମିତି ଯିବେ

ଅମ୍ବାସମୁଦ୍ରମ୍‌ର ଜଳବାୟୁ ବର୍ଷସାରା ବେଶ୍ ଅନୁକୂଳ ରହିଥାଏ। ନା ବେଶି ଖରା ହୁଏ ନା ବେଶି ଶୀତ। ଖାସ୍ କରି ବର୍ଷାଦିନ ପରେ ପରେ ଏଠାକାର ପାଣିପାଗ ବେଶ୍ ଆରାମଦାୟକ ରହେ। ତେବେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଏଠାକୁ ଯିବା ପାଇଁ ସେପ୍ଟେମ୍ବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ। ସେହିପରି ଗମନାଗମନର ମଧ୍ୟ ଏଠାରେ ଭଲ ବ୍ୟବସ୍ଥା ରହିଛି। ମଦୁରାଇ ଅନ୍ତର୍ଜାତୀୟ ବିମାନବନ୍ଦର ଅମ୍ବାସମୁଦ୍ରମ୍‌ର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଚେନ୍ନାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ଏକ ମୁଖ୍ୟ ରେଲଷ୍ଟେଶନ। ଅନ୍ୟପକ୍ଷେ ଦେଶର ବିଭିନ୍ନ ସ୍ଥାନରୁ ବସ୍ ଯୋଗେ ମଧ୍ୟ ଅମ୍ବାସମୁଦ୍ରମ୍‌କୁ ବୁଲିବାକୁ ଯାଇହେବ।

### କ'ଣ ଦେଖିବେ

**ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ:** ଅମ୍ବାସମୁଦ୍ରମ୍‌ରେ ଅନେକ ଆଧ୍ୟାତ୍ମିକ ସ୍ଥଳୀ ଦେଖିବାକୁ ମିଳିଥାଏ। ଖାସ୍‌କରି ପ୍ରାୟ ୨୦୦ ବର୍ଷ ପୁରୁଣା ଥିରୁମୁଲାନାଥାର୍‌ସ୍ୱାମୀ ମନ୍ଦିର ଏବଂ କାଶିବାନାଥାସ୍ୱାମୀ ମନ୍ଦିର ହେଉଛି ଏଠାକାର ଦୁଇ ପ୍ରମୁଖ ଦେବସ୍ଥଳୀ। ତା'ଛଡ଼ା ପାପନାଶସ୍ୱାମୀ ମନ୍ଦିର, ଅଗସ୍ତୀୟାର୍ ମନ୍ଦିର, କ୍ରିଷ୍ଣାସ୍ୱାମୀ ମନ୍ଦିର, କାଶି ବିଶ୍ୱନାଥାର୍ ମନ୍ଦିର, ଦୁର୍ଗାଇ ଅମ୍ମାନ୍ ମନ୍ଦିର, ଶିବସୈଲମ୍ ମନ୍ଦିର ଇତ୍ୟାଦି ବି ହେଉଛି ଏଠାକାର ଅନ୍ୟତମ ଧାର୍ମିକ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକ ଚାହିଁଲେ ଏହି ସବୁ ଦେବଭୂମି ବୁଲି ପ୍ରଭୁକୃପା ଲଭି ପାରିବେ।

**କାଲାକ୍କଡ୍ ମୁଣ୍ଡାନାଥୁରାଇ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର:** ତାମିଲନାଡୁର ଉଭୟ ତିରୁନେଲଭେଲି ଜିଲା ଓ କନ୍ୟାକୁମାରୀ ଜିଲାର ପରିସୀମା ଭିତରେ ଆସୁଥିବା କାଲାକ୍କଡ୍ ମୁଣ୍ଡାନାଥୁରାଇ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ତେବେ କେବଳ ବାଘ ନୁହେଁ ଅନ୍ୟ ବିରଳ ପଶୁପକ୍ଷୀଙ୍କୁ ବି ଦେଖିବାର ଏକ ନିଆରା ଅନୁଭୂତି ଏଠାରେ ମିଳିଥାଏ। ଅମ୍ବାସମୁଦ୍ରମ୍ ବୁଲି ଆସୁଥିବା ପର୍ଯ୍ୟଟକ ଚାହିଁଲେ ଏଠାକୁ ମଧ୍ୟ ଯାଇ ବୁଲିପାରିବେ।

**ଅଗସ୍ତୀୟାର୍ ଜଳପ୍ରପାତ:** ତିରୁନେଲଭେଲି ଜିଲାରେ ଅଗସ୍ତୀୟାର୍ ନାମକ ଏକ ଜଳପ୍ରପାତ ବି ରହିଛି। ଅମ୍ବାସମୁଦ୍ରମ୍‌ଠାରୁ ଏହା ମାତ୍ର କିଛି କି.ମି. ବ୍ୟବଧାନରେ ଅବସ୍ଥିତ। ପ୍ରାକୃତିକ ବୈଭବରେ ଭରା ଏହି ଜଳପ୍ରପାତ ନିକଟକୁ ଅନେକ ପର୍ଯ୍ୟଟକ ପିକ୍‌ନିକ୍ କରିବା ପାଇଁ ମଧ୍ୟ ଆସିଥାନ୍ତି।

ଏସବୁ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଅମ୍ବାସମୁଦ୍ରମ୍‌ଠାରୁ ଅଳ୍ପ କିଛି ଦୂରରେ ଥିବା ପାପନାଶମ୍ ଡ୍ୟାମ୍, କରାଇୟାର୍ ଡ୍ୟାମ୍, ସର୍‌ଭାଲାର୍ ଡ୍ୟାମ୍ ଇତ୍ୟାଦି ବି ବୁଲି ଦେଖିପାରିବେ।

ତାମିଲନାଡୁର ଏକ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ଅମ୍ବାସମୁଦ୍ରମ୍‌ର ଭଲ ନାଁ ରହିଛି। ଦେବସ୍ଥଳୀ ବ୍ୟତୀତ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଜଳପ୍ରପାତ, ଡ୍ୟାମ୍ ତଥା ଅଭୟାରଣ୍ୟ ବି ଅଛି। ଖାସ୍ ସେଥିପାଇଁ ବର୍ଷସାରା ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହେଉଛି।







# ଶରୀର କଳାଜାଇରେ ଭରା, ତଥାପି ହେଲେ ମଡେଲ





ବ୍ରିଙ୍ଗହାମ୍‌ର ଚେରିଲ ସ' ଏକ ବିରଳ ଚର୍ମ ରୋଗ କଞ୍ଜେନିଟାଲ ମାଲାନୋସାଇଟିସ୍‌ରେ ଆକ୍ରାନ୍ତ ହୋଇଥିଲେ। ଫଳରେ ତାଙ୍କ ଶରୀର ସାରା ବଡ ବଡ କଳା ଜାଇ ହୋଇଯାଇଥିଲା। ସେଥିପାଇଁ ପିଲାଦିନୁ ସେ ସମାଜର ଅନେକ ଗଞ୍ଜଣା ଶୁଣିଛନ୍ତି। କିଏ ତାଙ୍କୁ 'ଡାଲମେସିଆନ୍' ତ କିଏ 'ସ୍ୱଟି ଫେସ୍' ଓ 'କୁକି' ଡାକୁଥିଲେ। କେହି କେହି ତ ତାଙ୍କୁ ପାଖରେ ବସେଇବାକୁ ବି ଭଲ ପାଉ ନ ଥିଲେ। ଦୁଇ ସନ୍ତାନର ମା' ଚେରିଲ କିନ୍ତୁ ଏଥିପାଇଁ ନିଜକୁ କେବେ ଘର କୋଣରେ ଲୁଚାଇ ରଖି ନାହାନ୍ତି। ଯଦିଓ ପ୍ରଥମେ ପ୍ରଥମେ ଲୋକଙ୍କ କଥା ତାଙ୍କୁ ଖରାପ ଲାଗୁଥିଲା, ହେଲେ ପରବର୍ତ୍ତୀ ସମୟରେ ସେ ନିଜକୁ ଭଲ ପାଇବା ଆରମ୍ଭ କରିଦେଇଥିଲେ। ନିକଟରେ ସେ ନିଜର କିଛି ଫଟୋ ଇନ୍‌ଷ୍ଟାଗ୍ରାମରେ ଅପଲୋଡ କରିଥିଲେ। ଆଶ୍ଚର୍ଯ୍ୟଜନକଭାବେ କିଛିଦିନ ପରେ ତାଙ୍କୁ 'ମଡେଲ୍ସ ଅଫ୍ ଡାଇଭର୍ସିଟି' ନାମକ ମଡେଲିଂ ଏଜେନ୍ସିରୁ ମଡେଲିଂର ଅଫର୍ ଆସିଲା, ଯାହାକୁ ଚେରିଲ ଆଦୌ ବିଶ୍ୱାସ କରିପାରି ନ ଥିଲେ। ଏହି ମଡେଲିଂ ଏଜେନ୍ସି ଭିନ୍ନ ଶରୀରଧାରୀ ମହିଳା, ଯାହାଙ୍କୁ ସମାଜ ଅସୁନ୍ଦର କହେ, ତାଙ୍କୁ ବାଛିଥାଏ ମଡେଲିଂ ପାଇଁ। ବର୍ତ୍ତମାନ ଚେରିଲ ଜଣେ ସଫଳ ମଡେଲ। ଆଉ ସେ ନିଜ ଜୀବନକୁ ନେଇ ବେଶ୍ ଖୁସି ଅଛନ୍ତି। ଆଉ ଅନ୍ୟ ପାଇଁ ଉଦାହରଣ ବି ସାଜିଛନ୍ତି।



## କାର୍ଟୁନ କର୍ଣ୍ଣର





ଅଜୟ ସ'ଙ୍କ ସହ ସ୍ତ୍ରୀ ସ୍ୱର୍ଣ୍ଣଲତା

# ନାଟ୍ୟକାର ଅଜୟ ସ'

ଅଜୟ କୁମାର ସ'। ନାଟକକୁ ଭଲ ପାଉଥିବା ତଥା ନାଟକକୁ ନେଇ ସ୍ୱପ୍ନ ଦେଖୁଥିବା ଜଣେ ମଣିଷ। କେବଳ ନାଟକକୁ ଭଲ ପାଉଥିବା କିମ୍ବା ନାଟକକୁ ନେଇ ସ୍ୱପ୍ନ ଦେଖିବା ଭିତରେ ତାଙ୍କର ପରିଚୟ ସୀମିତ ନୁହେଁ। ସେ ଏକାଧାରରେ ଜଣେ ନାଟ୍ୟକାର ତଥା ନିର୍ଦ୍ଦେଶକ ମଧ୍ୟ। ହାଇସ୍କୁଲର ଗୋଟିଏ ଘଟଣା ହିଁ ତାଙ୍କୁ ନାଟକ ପ୍ରେମରେ ପକେଇ ଦେଇଥିଲା। ୧୯୯୧ ମସିହା କଥା। ସୋର କେଶରୀପୁର ସ୍ଥିତ ଶତ୍ରୁଘ୍ନନାଥ ଉଚ୍ଚବିଦ୍ୟାପୀଠରେ ପଢୁଥାନ୍ତି ଅଜୟ। ଗପ ମଧ୍ୟ ଲେଖୁଥାନ୍ତି। ତାଙ୍କର ଜଣେ ସାର୍ କହିଲେ ଗୋଟିଏ ଏକାଙ୍କିକା ଲେଖିବାକୁ। ଅଜୟ ଏକାଙ୍କିକା ଲେଖିଲେ ଆଉ ସେଇଟି ସ୍କୁଲରେ ମଞ୍ଚସ୍ଥ ହୋଇ ଖୁବ୍ ପ୍ରଶଂସା ସାଉଣ୍ଟିଲା। ଏହାପରେ ନାଟକ ପ୍ରେମରେ ପଡ଼ିଗଲେ ଅଜୟ। ସେତେବେଳେ ଶ୍ରୀଶ୍ରୀ ଉତ୍ତରାୟଣୀ ଅପେରା ସାତଶଙ୍ଖର ନାମ ଭାରି ଡାକଥାଏ। ତାହାର ପ୍ରୋପ୍ରାଇଟର ଆଡଭୋକେଟ୍ ସୁରେନ୍ଦ୍ର ମହାନ୍ତି ଉଭୟ ନାଟ୍ୟକାର ତଥା ନିର୍ଦ୍ଦେଶକ ଭାବରେ ସୁନାମ ଅର୍ଜନ କରିଥାନ୍ତି। ଅଜୟ ତାଙ୍କରି ପାଖରେ ଆସିଷ୍ଟାଣ୍ଟ ଭାବରେ କାମକଲେ। ତାଙ୍କର କାମ ଥିଲା ସୁରେନ୍ଦ୍ରବାବୁ ଯେଉଁ ନାଟକ ଲେଖିବେ ତାହାକୁ ଭଲ ଅକ୍ଷରରେ ସେ ଆଉ ଏକ କାଗଜ ଉପରେ ଉତାରିବେ। ସେଇଟି ମଞ୍ଚସ୍ଥ ହେବ। ଏଭଳି କରିବା ଦ୍ୱାରା ସେ ବି ନାଟକ ଲେଖିବା ତଥା ନିର୍ଦ୍ଦେଶନା ଦେବାର କାଇଦା କୌଶଳ ହାସଲ କରୁଥାନ୍ତି। ପରେପରେ ତାଙ୍କର ଭେଟ ହେଲା ନାଟ୍ୟକାର ତଥା ନିର୍ଦ୍ଦେଶକ ସନ୍ତୋଷ ନାରାୟଣ ଦାସଙ୍କ ସହିତ। ସନ୍ତୋଷଙ୍କର ମଧ୍ୟ ସେ ଆସିଷ୍ଟାଣ୍ଟ ଭାବରେ କାମକଲେ। ଏହିଭଳି ଦଶ ପନ୍ଦରବର୍ଷ ବିତିଗଲା। ସନ୍ତୋଷ ନାରାୟଣ ଦାସଙ୍କ ସହିତ କାମ କରିବା ବେଳେ ତାଙ୍କର ବହୁ ଯାତ୍ରାପାର୍ଟିର ପ୍ରଯୋଜକଙ୍କ ସହିତ ଚିହ୍ନା ପରିଚିତ ହୋଇଥାଏ। ସେମାନଙ୍କ ମଧ୍ୟରୁ ଜଣେ ପ୍ରଯୋଜକ ଏକ ନୂଆପାର୍ଟି କଲେ ଓ ଅଜୟବାବୁଙ୍କୁ ନାଟକ ଲେଖି ନିର୍ଦ୍ଦେଶନା ଦେବା ପାଇଁ ଅନୁରୋଧ କଲେ। ଅଜୟ ବାବୁଙ୍କ ପାଇଁ ଏହା ଥିଲା ଏକ ସୁବର୍ଣ୍ଣ ସୁଯୋଗ। 'ଲିଭିନି ଅଳତା ଶୁଖିନି ଲୁହ' ଥିଲା ତାଙ୍କର ପ୍ରଥମ ନାଟକ। ଏହାକୁ ସେ ଲେଖିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ସେତିକିନୁହେଁ, ସେ ଏହି ସମୟକାଳ ମଧ୍ୟରେ ଉତ୍ତର ବାଲେଶ୍ୱରର ବିଭିନ୍ନ ଯାତ୍ରାପାର୍ଟିରେ କାମ କରୁଥାନ୍ତି। ସେ ପାର୍ଟିଗୁଡ଼ିକ ମଧ୍ୟରେ ଅପେରା ଦାରୁବ୍ରହ୍ମ, ଅପେରା ତାରାତାରିଣୀ, କଳିଙ୍ଗ ଦରବାର, ଶ୍ୟାମସୁନ୍ଦର ଗଣନାଟ୍ୟ, ଯାତ୍ରା ଓଁକାର ଆଦି ଅନ୍ୟତମ। ସେ ଲେଖିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ବାହାଘର ଦିନ ବିଧବା ହେବି, ଝିଅମାନେ ମରିବା ଆସ, ପରୀ ରାଇଜରୁ ଆସିଛି ବୋହୂ, ସାଥୀ ଆସିଥିଲା ସପନ ହୋଇ, କିଏ ଜାଣିଥିଲା ଏମିତି ହେବ, ଲୁହ ଆଇନାରେ ମୁହଁ ଦେଖୁଛି। ଚଳିତବର୍ଷ ଯୁବ ନିର୍ଦ୍ଦେଶକ ତାପସ ସ୍ୱାଇଁଙ୍କ ସହିତ ସେ ଧଉଳି ଗଣନାଟ୍ୟ ପାଇଁ ଏକ ନାଟକ କରୁଛନ୍ତି; ଯାହାର ଟାଇଟଲ ରହିଛି 'କର୍ଣ୍ଣ ଖୋଜୁଛି ତା' ନିଜ ଠିକଣା। ନାଟକଟିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଜୟ। ବାପା ସ୍ୱର୍ଗତ ନିରଞ୍ଜନ ସ' ଏବଂ ମା' ସୁମିତ୍ରା ସ'ଙ୍କ ପ୍ରେରଣା ତାଙ୍କୁ ଏତେ ବାଟକୁ ଆଣିପାରିଛି। ସ୍ତ୍ରୀ ସ୍ୱର୍ଣ୍ଣଲତା ଓ ଦୁଇପୁଅ ମନୀଶ ଏବଂ ଗଗନଦୀପଙ୍କ ସହଯୋଗ ତାଙ୍କର ଯାତ୍ରାପଥକୁ ସବୁବେଳେ ସୁଗମ କରୁଛି ବୋଲି କହନ୍ତି ଏହି ପ୍ରତିଭାବାନ୍ ଯୁବ ନାଟ୍ୟକାର।

# ଏବେ ବି ମନେପଡ଼େ ଆକାଶବାଣୀ କଟକ

ଲୋକମାନଙ୍କୁ ପଥପ୍ରାନ୍ତ ନାଟକ ଜରିଆରେ ସଚେତନ କରିବାର ଉଦ୍ଦେଶ୍ୟ ନେଇ ଅଶୀଦଶକରେ ସୃଷ୍ଟି ହୋଇଥିଲା 'ଲୋକଶକ୍ତି ସଂଗଠନ'। ଏହି ସଂଗଠନର ପରିକଳ୍ପିତ ପିତା ଥିଲେ ରବୀନ୍ଦ୍ର କୁମାର ରାୟ ଓରଫ୍ ରବି ରାୟ। 'ଲୋକଶକ୍ତି ସଂଗଠନ' ଥିଲା ଓଡ଼ିଶାର ପ୍ରଥମ 'ପଞ୍ଜୀକୃତ ଷ୍ଟ୍ରିଟ୍ ପ୍ଲେ ଗ୍ରୁପ୍'। ନେଦରଲାଣ୍ଡ ସରକାର ଏହାକୁ ଫଣ୍ଡିଂ କରୁଥିଲେ। ଆଉ ଏହି ଗ୍ରୁପ୍ ଗାଁ ଗାଁ ବୁଲି ନାଟକ ଜରିଆରେ ଲୋକମାନଙ୍କୁ ସଚେତନ କରାଉଥିଲା। ସେତେବେଳେ ଏହି ଗ୍ରୁପ୍‌ରେ ୩୫ଜଣ ସଦସ୍ୟ ଥିଲେ। ଏମିତି ୭/୮ବର୍ଷ ଚାଲିବା ପରେ ନେଦରଲାଣ୍ଡ ସରକାର ଫଣ୍ଡିଂ ବନ୍ଦ କରିଦେଲେ। ଫଳରେ ପ୍ଲେ ଗ୍ରୁପ୍ ବନ୍ଦ ହୋଇଯିବା ଅବସ୍ଥାକୁ ଚାଲିଆସିଲା। କଳାକାରମାନେ ମଧ୍ୟ ଅସହାୟ ହୋଇପଡ଼ିଲେ। ତେବେ ଏତିକିବେଳେ ରବି ରାୟ ନିଷ୍ପତ୍ତି ନେଲେ, ନାଟ୍ୟସଂସ୍ଥା ବନ୍ଦ ହେବନି। ଏହି ସଂସ୍ଥା ନିଜେ ରୋଜଗାର କରିବ। ଆଉ ସେଇଥିରେ ତାହା ଆଗକୁ ବଢ଼ିବ। ବାସ୍, ଏହି ନିଷ୍ପତ୍ତିରୁ ସୃଷ୍ଟି ହେଲା ଆଜିର 'ବାଘାଯତୀନ ଲୋକନାଟ୍ୟ'।

ରବି ରାୟ କହନ୍ତି, ଯେଉଁ ଉଦ୍ଦେଶ୍ୟ ନେଇ ପ୍ରଥମେ ଲୋକଶକ୍ତି ଏବଂ ପରେ ବାଘାଯତୀନ ଲୋକନାଟ୍ୟ ସୃଷ୍ଟିହେଲା ତାହାକୁ ମୁଁ ଏବେ ମଧ୍ୟ ଜାରି ରଖିଛି। ମୁଁ ଆଜି ବି ନାଟକ ଚୟନ କରିବା ବେଳେ ତା' ଭିତରେ ସମାଜ ପ୍ରତି ଥିବା ବାର୍ତ୍ତା ଉପରେ ଗୁରୁତ୍ୱ ଦେଉଛି। 'ସୀତାର ଜଳୁଛି ଚିତା', 'ମୃତ୍ୟୁଦଣ୍ଡ', 'ପାକିସ୍ତାନୀ ଝିଅ' ଆଦି ଏହାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ।

ଯାତ୍ରାଠୁ ଲୋକମାନେ ଦୂରେଇ ଯାଉଛନ୍ତି କି (?) ବୋଲି ଏକ ପ୍ରଶ୍ନର ଉତ୍ତରରେ ରାୟ କହନ୍ତି, ଲୋକମାନେ ଯାତ୍ରାଠୁ ଦୂରେଇ ନାହାନ୍ତି। ବରଂ ଯାତ୍ରା ଲୋକମାନଙ୍କଠାରୁ ଦୂରେଇ ଯାଉଛି। ନାଟକ ଉପରେ ଗୁରୁତ୍ୱ ଦିଆଯାଉନି। ଫାଟକ ବଢୁଛି। ସପରିବାର ବସି ଦେଖିବା ଭଳି ନାଟକ ନାହିଁ। ସଂଳାପରେ ସଂଯମତା ନାହିଁ। କାହାଣୀ କୁଆଡ଼େ ଯାଉଛି ତା'ର ଠିକ୍‌ଠିକଣା ନାହିଁ। କମେଡି ନାଁରେ ଖାଲି ଭଲ୍‌ଗାର ବା ଅଶ୍ଳୀଳ କଥା। କାହିଁକି ଲୋକେ ନାଟକ ଦେଖିବେ?

ଶୁଣାଯାଏ କଳାକାରମାନେ (ଯଦିଓ ହାତଗଣତି) ମାଲିକମାନଙ୍କୁ ପ୍ରଭାବିତ କରି ସେମାନଙ୍କ ଅନୁଯାୟୀ ନାଟକ ଲେଖେଇବାକୁ ଚେଷ୍ଟାକରନ୍ତି। ଏ ପ୍ରକାର ଅନୁଭୂତି ଆପଣଙ୍କର ଅଛି କି? ଏପ୍ରଶ୍ନର ଉତ୍ତରରେ ରାୟ କହନ୍ତି, କେବେକେବେ ଆମ ପାର୍ଟିରେ ଏଭଳି ଘଟଣା ଘଟିଛି। ତେବେ ମୁଁ ସେମାନଙ୍କ କଥା ଶୁଣିନି। ସେମାନେ ଛାଡ଼ି ପଳେଇ ଯାଇଛନ୍ତି। ମୋ ପାର୍ଟି କିନ୍ତୁ ଚାଲିଛି। ମୁଁ ଗୋଟିଏ କଥା ବୁଝେ କଳାକାରଙ୍କୁ ନୁହେଁ; କାହାଣୀକୁ ଗୁରୁତ୍ୱ ଦେଲେ ନାଟକ ଭଲ ହେବ। ମୋର ମନେପଡ଼େ ମୁଁ ଏକ ନାଟକ କରିଥିଲି 'ଆକାଶବାଣୀ କଟକ'। ସ୍ୱର୍ଗତ ଅନନ୍ତ ଓଝାଙ୍କ ରଚନା ଏବଂ ବିନୋଦ ରାଉତଙ୍କ ନିର୍ଦ୍ଦେଶନା। କୌଣସି କଳାକାରଙ୍କ ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। କାହାଣୀ ଯାହା ଚାହୁଁଥିଲା ସେହି ଅନୁଯାୟୀ କଳାକାରଙ୍କୁ ଭୂମିକା ଦିଆଯାଇଥିଲା। ଏ ନାଟକଟି ଓଡ଼ିଶାରେ ସର୍ବାଧିକ ଆଦୃତ ହୋଇଥିଲା।



ରବି ରାୟ

ମୋର ମନେଅଛି, ଗଞ୍ଜାମର ଠାକୁରାଣୀ ଯାତ୍ରାରେ ଆମ ସହିତ ଛ'ଟି ପାର୍ଟି କମ୍ପିଟିଶନ୍ କରୁଥିଲେ। ଆମର ସେଇ ଗୋଟିଏ ନାଟକ ଆଠଦିନ ହାଉସ୍‌ଫୁଲ୍ ଚାଲିଥିଲା ବେଳେ ଅନ୍ୟ ପାର୍ଟିସବୁ ଆଠଦିନରେ ତିନିଟା/ଚାରିଟା ନାଟକ ବଦଳେଇଥିଲେ। ଏଥର ଆପଣ ଚିନ୍ତା କରନ୍ତୁ! ରବି ରାୟ କହନ୍ତି, ଜଣଙ୍କୁ ଗୁରୁତ୍ୱ ଦେଇ ନାଟକ କଲେ ସର୍ବପ୍ରଥମେ ଯାହା ନଷ୍ଟହେବ ତାହା ହେଉଛି ଟିମ୍ ସ୍ପିରିଟ୍। ଆଉ ଟିମ୍ ସ୍ପିରିଟ୍ ନଷ୍ଟହେଲେ ନାଟକ କେମିତି ଭଲ ହେବ?

## ପୁସ୍ତକ ସମୀକ୍ଷା




**ଅପରାହ୍ନର ସୂର୍ଯ୍ୟ**/କବି: ଅମ୍ବିକା ସ୍ୱାଇଁ

କବି ଅମ୍ବିକା ସ୍ୱାଇଁଙ୍କ ରଚିତ କବିତା ପୁସ୍ତକ 'ଅପରାହ୍ନର ସୂର୍ଯ୍ୟ' ହସ୍ତଗତ ହୋଇଛି। ଏହାର ପ୍ରକାଶକ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର। ଏଥିରେ ରହିଛି ୧୦୦ରୁ ଉର୍ଦ୍ଧ୍ୱ କବିତା। ସଂକଳନର ଶେଷଭାଗଟିକୁ କବି ଗୀତିକବିତା ଅଧ୍ୟାୟ ନାମରେ ନାମିତ କରିଛନ୍ତି। କବିତା ସବୁରେ ଭାରତୀୟ ଜୀବନାଦର୍ଶର ପ୍ରଭାବ ପରିଲକ୍ଷିତ ହୁଏ। ସଂକଳନସ୍ଥ କବିତାଗୁଡ଼ିକ ବେଶ୍ ସୁଖପାଠ୍ୟ ହେବା ସହିତ ସାବଲୀଳ ହୋଇଛି। ସଂକଳନଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ।

**ପ୍ରିୟତମା**/କବି : ଚିତ୍ତରଞ୍ଜନ ମହାନ୍ତି– ପ୍ରଜ୍ଞାନ ପବ୍ଲିକେଶନ୍ସ, ଜାରକା, ଯାଜପୁର ଦ୍ୱାରା ପ୍ରକାଶିତ ହୋଇଛି କବିତା ସଂକଳନ 'ପ୍ରିୟତମା'। ଏହାର କବି ହେଉଛନ୍ତି ଚିତ୍ତରଞ୍ଜନ ମହାନ୍ତି। ଏଥିରେ ରହିଛି ୬୦ରୁ ଅଧିକ କବିତା। ପ୍ରିୟତମାକୁ ଶୀର୍ଷକ ଭାବରେ ନେଇ କବି ଏକାଧିକ କବିତା ରଚନା କରିଛନ୍ତି, ଯାହା ଏହି ସଂକଳନରେ ଭିନ୍ନଭିନ୍ନ ପୃଷ୍ଠାରେ ସନ୍ନିବେଶିତ ହୋଇଛି। କବିତା ସଂକଳନର ପ୍ରଥମ କବିତା 'ପ୍ରିୟତମା'। କବିତାଟି ଗୀତିକବିତା ଶୈଳୀରେ ରଚନା କରାଯାଇଛି ଯଦିଓ ଏହା ଗୀତିକବିତା ନୁହେଁ। ପ୍ରଥମ ଲାଇନ୍‌ଟି ଏହିପରି: ତୋ ଆଖିର ଦୁଇ କଜ୍ଜଳ ଧାରରୁ ଚୋରି କରିଛି କି ରାତି/ସେଥିପାଇଁ ବୋଧେ ମୋ ମନ କହୁଛି ଗାଇବାକୁ ପ୍ରେମ ଗୀତି। ସଂକଳନଟି ପାଠକୀୟତା ଦାବି କରେ।

**ମୁଗ୍ଧ ମୃଗତୃଷ୍ଣା**/ଗାଳ୍ପିକା : ସୌଭାଗିନୀ ପରିଡ଼ା– ସୌଭାଗିନୀ ପରିଡ଼ାଙ୍କ ତୃତୀୟ କ୍ଷୁଦ୍ରଗଳ୍ପ ସଂକଳନ 'ମୁଗ୍ଧ ମୃଗତୃଷ୍ଣା'। ତାଙ୍କର ପ୍ରଥମ ଓ ଦ୍ୱିତୀୟ ଗଳ୍ପ ସଂକଳନ ଯଥାକ୍ରମେ– ଅମିତ୍ରାକ୍ଷର ଓ ଅଥଚ ଈଶ୍ୱର। ୧୭ଟି ଗଳ୍ପକୁ ନେଇ ପ୍ରସ୍ତୁତ ହୋଇଛି ଏହି ସଂକଳନ। ପ୍ରଥମ ଗଳ୍ପ 'ଅମୃତ ସ୍ରୋତ'। ରିଫ୍ୟୁଜୀ ବାଂଲାଦେଶୀ କିଶୋରୀ ପଦ୍ମା ସରକାରକୁ ନେଇ ଗପଟି ରଚିତ। ଲେଖିକା ଗପଟିର ଆରମ୍ଭକୁ ବ୍ୟଞ୍ଜନାଧର୍ମୀ କରିଛନ୍ତି। ଯେମିତି ପଦ୍ମାକୁ ନେଇ ଛୋଟିଆ ସହରରେ ଗୋଟେ କୋଳାହଳ ଖେଳିଯାଇଛି; ଯାହାକୁ ଗାଳ୍ପିକା 'କୃଷ୍ଣଚୂଡ଼ା କୁଟୁଥିଲା' ବୋଲି ଉପମା ଦେଇଛନ୍ତି। ଅନ୍ୟ ଗପଗୁଡ଼ିକ ମଧ୍ୟ ସୁଖପାଠ୍ୟ।


## ବାୟୋନିକ ହାତ ଦେଇଛି ନୂଆ ଜୀବନ

ଆଠ ବର୍ଷ ବୟସର ଫ୍ରେଡି ପେନ୍। ଜନ୍ମରୁ ତାଙ୍କର ଡାହାଣ ହାତ ନ ଥିଲା। ତେଣୁ ବିଭିନ୍ନ କାମ ପାଇଁ ତାଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା। ନା ପ୍ରିୟ ସ୍କୁଟର ଚଳାଇପାରୁ ଥିଲେ ନା ଦୁଇ ହାତରେ ପ୍ରିୟ ହାମବର୍ଗରକୁ ଧରି ଖାଇପାରୁ ଥିଲେ। ଏହି ଅବସ୍ଥା ଦେଖି ମା' ସୁଜି ଫ୍ରେଡିଙ୍କୁ ପ୍ରୋସ୍ଥେଟିକ ହାତ ଲଗାଇଥିଲେ। ହେଲେ ତାହା ହାତ ଭଳି ଚଳାଚଳ କରି ପାରୁ ନ ଥିଲା। ତେଣୁ ବିଶେଷ ଉପକାର ମିଳୁ ନ ଥିଲା। ଶେଷରେ ଅଷ୍ଟମ ଜନ୍ମଦିନରେ ସୁଜି ପୁଅ ଫ୍ରେଡିଙ୍କୁ ଦେଲେ ଏମିତି ଏକ ଉପହାର ଯାହା ତା'ର ଜୀବନ ବଦଳେଇ ଦେଲା। ତାହା ଥିଲା ବାୟୋନିକ 'ହିରୋ ଆର୍ମ'। ଏହି ବାୟୋନିକ ହାତ ମଣିଷ ହାତ ଭଳି କାମ କରିପାରେ। ତା'ସହ ଏହା ବହୁତ ହାଲ୍‌କା ମଧ୍ୟ। ଉକ୍ତ ହାତ ପାଇବା ପରେ ଫ୍ରେଡି ବହୁତ ଖୁସି ହୋଇଯାଇଥିଲେ। ଆଉ ସେଦିନ ସେ ଆଗରୁ ଦୁଇ ହାତରେ ଯାହାସବୁ କରିବାକୁ ଇଚ୍ଛା ରଖିଥିଲେ କରିଥିଲେ। ସୂଚନାଯୋଗ୍ୟ ଯେ, ବାୟୋନିକ ହିରୋ ଆର୍ମ ଲଗାଇବାରେ ଫ୍ରେଡି ହେଉଛନ୍ତି ସର୍ବ କନିଷ୍ଠ।









ବ୍ୟାକ୍ ପେଜ୍





## ତାପମାତ୍ରାକୁ ଅନୁଭବ କରିପାରୁଥିବା ଟେବୁଲ

ଆଜିକାଲି ଅନେକ ପ୍ରକାରର ଆସବାବପତ୍ର ଆସିଗଲାଣି। ଫୋଲ୍ଡିଂ ଆସବାବ ସହ ବିଭିନ୍ନ ଅଜବ ଆସବାବ ବି ରହିଛି। ନିକଟରେ ଆଉ ଏକ ପ୍ରକାରର ଅଜବ ଆସବାବପତ୍ର ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ୟୁକେ, ଅକ୍ସଫୋର୍ଡର ଡିଜାଇନର୍ ଜେ' ୱାଟସନ୍ ତିଆରି କରିଛନ୍ତି ଏହି ଖାସ୍ ଆସବାବପତ୍ର। ଯାହା ତାପମାତ୍ରାକୁ ଅନୁଭବ କରିପାରେ। ଏହା ଏକ ଟେବୁଲ ଓ ବେଞ୍ଚ ଅଟେ, ଯାହା ଉପରେ ବସିବା ପରେ ମଣିଷ ଶରୀର ମଧ୍ୟସ୍ଥ ତାପମାତ୍ରାକୁ ଅନୁଭବ କରିଥାଏ। ଆଉ ବ୍ୟକ୍ତି ଜଣକ ଉଠିଯିବା ପରେ ଟେବୁଲରେ ରହିଯାଏ ବସିଥିବା ଭଙ୍ଗିରେ ଏକ ଚିତ୍ର। ଏଭଳି ହେବା ପଛର କାରଣ ହେଉଛି ଟେବୁଲ ଓ ବେଞ୍ଚ ଉପରେ ହୋଇଥିବା ଥର୍ମୋକ୍ରୋମିକ ଫିନିଶ୍। ମଣିଷ ହୁଅନ୍ତୁ କି ମଗ୍ ଅବା ପ୍ଲେଟ୍ ଭଳି ବସ୍ତୁ, ଟେବୁଲ ଓ ବେଞ୍ଚର ଉପରିଭାଗ ଯେତେବେଳେ ସେଗୁଡିକର ତାପମାତ୍ରା ସଂସ୍ପର୍ଶରେ ଆସେ ସେହି ଆକାରର ଚିହ୍ନ ସୃଷ୍ଟି ହୋଇଯାଏ। ଅନେକ ସମୟରେ ତ ଲୋକେ ଏହାକୁ ଦେଖି ଭୟ କରି ଯାଆନ୍ତି। ଆଉ ଯିଏ ଏହା ବିଷୟରେ ଅବଗତ ଥାଆନ୍ତି ସେମାନେ ଏହି ତାପାମାତ୍ରା ଜନିତ ଚିତ୍ରକୁ ଦେଖି ମଜା ଉଠାଇଥାଆନ୍ତି।

## ବେଲୁନ୍ ଲ୍ୟାମ୍ପ

ହରର୍ ମୁଭି ଦେଖିବାକୁ ଭଲ ପାଉଥିବା ବ୍ୟକ୍ତି ନିଶ୍ଚିତଭାବେ ୨୦୧୭ରେ ଆସିଥିବା ଷ୍ଟିଫେନ୍ କିଙ୍ଗଙ୍କ ଉପନ୍ୟାସ 'ଇଟ୍' ଉପରେ ଆଧାରିତ ଚଳଚ୍ଚିତ୍ର ଦେଖିଥିବେ। ସେଥିରେ ମୁଖ୍ୟ ଖଳନାୟକ ଚରିତ୍ରରେ ଅଭିନୟ କରୁଥିବା ଜୋକର୍ ହାତରେ ଏକ ଲାଲ ରଙ୍ଗର ବେଲୁନ୍ ଦେଖିଥିବେ। ବେଲୁନ୍‌ଟି ବେଶ୍ ସୁନ୍ଦର କିନ୍ତୁ ବେଶ୍ ରହସ୍ୟଜନକ ଓ ଭୟାନକ ଲାଗୁଥିଲା। ସେହି ବେଲୁନ୍‌କୁ ନଜରରେ ରଖି ତିଆରି ହୋଇଛି ଏକ ଲ୍ୟାମ୍ପ, ଯାହାକି ଅବିକଳ ଚଳଚ୍ଚିତ୍ରର ଲାଲ ବେଲୁନ୍ ପରି ଦେଖାଯାଏ। ଆଉ ଯେବେ ସେଥିରେ ବିଦ୍ୟୁତ ସଂଯୋଗ କରାଯାଏ ତାହା ଜଳିଉଠେ, ଲାଗେ ବେଶ୍ ସୁନ୍ଦର କିନ୍ତୁ ରହସ୍ୟମୟ। ବର୍ତ୍ତମାନ ଏହି ବେଲୁନ୍ ଲ୍ୟାମ୍ପ ଅନଲାଇନ୍ ବିକ୍ରି ହେଉଛି। ଏହାର ଉଚ୍ଚତା ୩୫ ସେ.ମି. ଓ ମୂଲ୍ୟ ୩୭ ଡଲାର।



